## ସଂକ୍ଷେପରେ

### ଅଖିଳ ଭାରତୀୟ ମାରୱାଡି ଯୁବା ମଞ୍ଚର ପ୍ରତିଷ୍ଠା ଦିବସ ପାଳିତ

କଣ୍ଟାବାଞ୍ଜି,୨୧।୧(ଗୁରୁ ଦୟାହଲ ହଂସ)

ଅଖିଳ ଭାରତୀୟ ମାରୱାଡି ଯୁବା ମଞ୍ଚର ୪୦ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ଦିନ ଏଠାରେ ଅନୁଷ୍ଠିତ ହୋଇଯାଇଛି। ମାରୱାଡି ଯୁବା ମଞ୍ଚ ସମାଜସେବା କ୍ଷେତ୍ରରେ ଏକ ଅଗ୍ରଣୀ ଅନୁଷ୍ଠାନ ହୋଇ ପାରିଛି । କଣ୍ଟାବାଞ୍ଜି ସହରରେ ଶାଖାର ପ୍ରଥମ ସଭାପତି କୈଳାଶ ନେରୋଲାକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବର୍ତ୍ତମାନର ସଭାପତି ବିମଳ ଜୈନ, ନାରାୟଣ ଅଗ୍ରୱାଲ,ଚିରାଗ ଅଗ୍ରୱାଲ, ମନିଶ ଅଗ୍ରୱାଲ,ରୋହିତ ଲାଠ,ସୁରଜ ଅଗ୍ରୱାଲଙ୍କ ସହ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ ।

### ବିକାଶ ପରିଷଦ ତରଫରୁ ଦାବିପତ୍ର ପ୍ରଦାନ

**କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା**

କଣ୍ଟାବାଞ୍ଜି,୨୧।୧( ଗୁରୁ ଦୟାଲ ହଂସ)

କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅବ୍ୟବସ୍ଥା ନେଇ ସ୍ଥାନୀୟ କଣ୍ଟାବାଞ୍ଜି ବିକାଶ ପରିଷଦ ପକ୍ଷରୁ ମଙ୍ଗଳବାର ଏକ ୮ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ଏହି ଦାବିପତ୍ର ସ୍ଥାନୀୟ ମେଡିକାଲ ସୁପରିଟେଣ୍ଡେଣ୍ଟ ଡା.ରାକେଶ ପଣ୍ଡିତଙ୍କ ଜରିଆରେ ଦିଆଯାଇଛି । ଏହି ଅବସରରେ ଏକ ପ୍ରତିବାଦ ସଭା ହୋଇଥିଲା । ବିଜେଡି ବରିଷ୍ଠ ସଭ୍ୟ ଅଜୟ ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସଭାରେ ରାଜେନ୍ଦ୍ର ବେହେରା, ବିକାଶ ବେହେରା, ଦେବରାଜ ଯାଦବ, ପ୍ରଫୁଲ୍ଲ ନାୟକ ସହ ଅନ୍ୟମାନେ ଯୋଗ ଦେଇଥିଲେ ।

### ମିଳିନି ହରିଶ୍ଚନ୍ଦ୍ର ସହାୟତା

ଲୋଇସିଂହା,୨୧।୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡ଼ା ପଞ୍ଚାୟତ ସଦର ଗ୍ରାମର ନିତ୍ୟାନନ୍ଦ ମିଶ୍ରଙ୍କ ପରଲୋକ ଘଟିବାର ଇତିମଧ୍ୟରେ ୯ ମାସ ବିତିଗଲାଣି। ହେଲେ ତାଙ୍କ ପରିବାରବର୍ଗଙ୍କୁ ହରିଶ୍ଚନ୍ଦ୍ର ସହାୟତା ମିଳି ନ ଥିବା ଅଭିଯୋଗ ହୋଇଛି। ଯୋଗୀସର୍ଡ଼ା ଗ୍ରାମର ପୁରାଣ ଗାୟକ ନିତ୍ୟାନନ୍ଦଙ୍କ ୨୦୨୪ ଏପ୍ରିଲ ୧୮ ତାରିଖରେ ମୃତ୍ୟୁ ଘଟିଥିଲା। ସେହିବର୍ଷ ଜୁନ ୧ ତାରିଖରେ ହରିଶ୍ଚନ୍ଦ୍ର ସହାୟତା ପାଇଁ ତାଙ୍କ ପୁଅ ଉପେନ୍ଦ୍ର ମିଶ୍ର ଅନ୍‌ଲାଇନରେ ଆବେଦନ କରିଥିବା ଜଣାଇଛନ୍ତି। ଏ ସମ୍ପର୍କରେ ପିଇଓ ପିଣ୍ଟୁ ସାହୁ କହିଛନ୍ତି, ଅନ୍ୟ କେତେଜଣ ମୃତ ବ୍ୟକ୍ତିଙ୍କ ପରିବାରବର୍ଗ ଆବେଦନ କରିଛନ୍ତି । କାହାରିକୁ ମିଳିନି। ଟଙ୍କା ଆସିଲେ ସମସ୍ତେ ଏକକାଳୀନ ପାଇବେ।

### ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ କୁମାର ଜୈନଙ୍କ ପରଲୋକ

ବେଲପଡା,୨୧।୧(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡା ବ୍ଲକ ଅନ୍ତର୍ଗତ ଧୁମାଭଟା ଗାଁର ବିଣାଶ୍ରୀ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ କୁମାର ଜୈନ(୭୦)ଙ୍କ ସୋମବାର ରାତିରେ ତାଙ୍କ ବାସଭବନରେ ପରଲୋକ ଘଟିଛି । ସେ ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ । ମଙ୍ଗଳବାର ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ପୁଅ ଆକାଶ ଜୈନ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ଧୁମାଭଟା ଅଞ୍ଚଳର ସ୍କୁଲ, କଲେଜରେ ଶୋକସଭା କରାଯାଇଥିଲା ।

### ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ପ୍ରତିମା ମିଶ୍ରଙ୍କ ପରଲୋକ

ବଲାଙ୍ଗୀର,୨୧।୧(ବୀରେନ୍ଦ୍ର କୁମାର ଝାଙ୍କର)

ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ତଥା ବସନ୍ତ ଆଚାର୍ଯ୍ୟଙ୍କ ସ୍ତ୍ରୀ ପ୍ରତିମା ମିଶ୍ର (୬୫)ଙ୍କ ସୋମବାର ତାଙ୍କ ପେଲେସଲାଇନସ୍ଥିତ ବାସଭବନରେ ପରଲୋକ ହୋଇଛି। ସେ ଜଣେ ଆଦର୍ଶ ଶିକ୍ଷୟିତ୍ରୀ ଓ ଧର୍ମପରାୟଣା ମହିଳା ଭାବେ ପରିଚିତ ଥିଲେ। ମୃତ୍ୟୁ ବେଳକୁ ତାଙ୍କ ତିନିପୁଅ ,ତିନି ବୋହୂ, ନାତି ନାତୁଣୀ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି । ବଡପୁଅ ଲିପୁନ ମୁଖାଗ୍ନି ଦେଇଥିଲେ ।

# ‘ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାମ ଶେଷ କର’

**ନବମ ବଲାଙ୍ଗୀର ଜିଲା ପରିଷଦ ବୈଠକ**

ବଲାଙ୍ଗୀର,୨୧।୧(ବୀରେନ୍ଦ୍ର କୁମାର ଝାଙ୍କର)



ଜିଲା ପରିଷଦ ବୈଠକରେ ଉପସ୍ଥିତ ସଭାପତି, ଏମ୍‌ପି, ବିଧାୟକ, ଜିଲାପାଳ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀ।

ବଲାଙ୍ଗୀର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲା ପରିଷଦ ସଭାପତି ଦେବକୀ ସାହୁଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ନବମ ଜିଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ବହୁ ଗୁରୁତ୍ୱପୂର୍ଣ୍ଣ କାମ ଉପରେ ଆଲୋଚନା କରାଯିବା ସହ ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାମ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଲୋକସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ବଲାଙ୍ଗୀର ବିଧାୟକ କଲିକେଶ ନାରାୟଣ ସିଂଦେଓ, ଜିଲା ପରିଷଦ ଉପସଭାପତି, ସଦସ୍ୟ, ଜିଲାପାଳ ଗୌରବ ଶିୱାଜୀ ଇସଲୱାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ବିଧାୟକଙ୍କ ପ୍ରତିନିଧି ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପୂର୍ବ ବୈଠକର ଆଲୋଚନା ତଥା ଗ୍ରାମ ପାନୀୟ ଜଳ ଯୋଗାଣ ,ପରିମଳ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, କୃଷି, ପ୍ରାଥମିକ ଶିକ୍ଷା ଓ ଗଣଶିକ୍ଷା, ଜଳସେଚନ, ଗ୍ରାମ୍ୟ ଉନ୍ନୟନ, ଜାତୀୟ ରାଜପଥ, ଯୋଗାଣ ବିଭାଗ, ସମାଜ ମଙ୍ଗଳ ବିଭାଗ କାମ ବିଷୟରେ ଅଧିକାରୀମାନେ ସୂଚନା ଦେଇଥିଲେ। ପାନୀୟ ଜଳ ସମ୍ବନ୍ଧରେ ଆସିଥିବା ଅଭିଯୋଗଗୁଡ଼ିକର ସମାଧାନ ତଥା ନୂଆ ସଂକଳ୍ପ ବିଷୟରେ ଆଲୋଚନା ହୋଇଥିଲା। ବିଳମ୍ବ କରୁଥିବା କିମ୍ବା କାମର ମାନ ଖରାପ କରୁଥିବା କଳା ତାଲିକାଭୁକ୍ତ କଣ୍ଟ୍ରାକ୍ଟରମାନଙ୍କ ତଥ୍ୟ ଗୃହରେ ଗ୍ରାମ ପାନୀୟ ଜଳ ଯୋଗାଣର ବିଭାଗୀୟ ଅଧିକାରୀ ଜଣାଇଥିଲେ। ଚାଲୁ ରହିଥିବା ପାନୀୟ ଜଳ ପ୍ରକଳ୍ପ କାମ ମାର୍ଚ୍ଚ ସୁଦ୍ଧା ଶେଷ କରିବାକୁ ଅଧିକାରୀଙ୍କୁ କୁହାଯାଇଥିଲା। ଯେଉଁ କଣ୍ଟ୍ରାକ୍ଟରମାନେ କାମ ବିଳମ୍ବ କରିବେ ସେମାନଙ୍କୁ ପରବର୍ତ୍ତୀ ସମୟରେ କାମ ନ ଦିଆଯାଉ ବୋଲି ପ୍ରସ୍ତାବ ଦିଆଯାଇଥିଲା। ମେଡ଼ିକାଲରେ ଡାକ୍ତର ଏବଂ ପାରା ମେଡ଼ିକାଲ ଷ୍ଟାଫ ଅଭାବ, ଖୋଲାନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବାସିକ ଗୃହ ପାଇଁ ଉପୁଜିଥିବା ଅସୁବିଧା ବାବଦରେ ଆଲୋଚନା ହୋଇଥିଲା। ଡୁଙ୍ଗୁରା ମେଡ଼ିକାଲ ପରିସରରେ ଗଢି ଉଠିଥିବା ବେସରକାରୀ ଦୋକାନଗୁଡିକ ଭଙ୍ଗାଯିବାକୁ ପ୍ରସ୍ତାବ ଦିଆଯାଇଥିଲା । ସେହିପରି କିଛି ସ୍ଥାନରେ କ୍ୱାକ୍‌ମାନେ ଚିକିତ୍ସା କରୁଥିବା କଥାକୁ ଗୁରୁତର ସହ ନେବାକୁ ସିଡିଏମ୍‌ଓଙ୍କୁ କୁହାଯାଇଥିଲା। ନୂତନ ମେଡିକାଲ କୋଠାକୁ ୱାର୍ଡଗୁଡିକୁ ଯଥାଶୀଘ୍ର ସ୍ଥାନାନ୍ତର ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ଅନ୍ୟ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ବଲାଙ୍ଗୀର ଲୋକ ଉତ୍ସବର ନିମନ୍ତ୍ରଣପତ୍ର ଜିଲା ପରିଷଦ ସଦସ୍ୟ , ବ୍ଲକ ଅଧ୍ୟକ୍ଷ, ମ୍ୟୁନିସିପାଲିଟି ସଭ୍ୟାସଭ୍ୟଙ୍କୁ ଦିଆଯାଇ ନ ଥିବା ଅଭିଯୋଗ ଆଣି ବିଜେଡି ସଦସ୍ୟାସଦସ୍ୟମାନେ ବୈଠକରେ ଅସନ୍ତୋଷ ପ୍ରକାଶ କରିଥିଲେ।

# ମାସେ ବିତିଲା, ହେଉନି ତଦନ୍ତ

**ଘଟଣାକୁ ଚପାଇଦେବା ଉଦ୍ୟମ ଅଭିଯୋଗ**

ଲାଠୋର,୨୧।୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡ଼ା ପଞ୍ଚାୟତ ଅଧୀନ ଜଲପାଙ୍କେଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚଳିତବର୍ଷ ଛାତ୍ରୀଛାତ୍ରମାନଙ୍କୁ ନିମ୍ନମାନର ସ୍କୁଲ ପୋଷାକ ବଣ୍ଟନ ହୋଇଥିବା ନେଇ ବିଦ୍ୟାଳୟ ପରିଚାଳନା ସମିତିର କେତେଜଣ ସଭ୍ୟ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ । କିନ୍ତୁ ଏହା ମଧ୍ୟରେ ଏକମାସ ବିତିଥିଲେ ମଧ୍ୟ ଏହାର ତଦନ୍ତ କରାଯାଉନାହିଁ । ଫଳରେ ଅସନ୍ତୋଷ ଦେଖାଦେଇଛି। ଘଟଣାକୁ ଚପାଇ ଦେବାର ଉଦ୍ୟମ କରାଯାଉଛି ବୋଲି ପରିଚାଳନା ସମିତିର ସଭ୍ୟ ରମେଶ ଦାସ,ସୁଶିଲ ସୁନା ଓ ଅଗସ୍ତି ଦାସ ଅଭିଯୋଗ କରିଛନ୍ତି ।

ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୯୧ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ପ୍ରତି ପିଲାଙ୍କୁ ୪ ଶହ ଟଙ୍କା ବ୍ୟୟରେ ଦୁଇ ହଳ ଲେଖାଏ ସ୍କୁଲ ପୋଷାକ ଜଲପାଙ୍କେଲ ଗ୍ରାମର ଏକ ସ୍ୱୟଂ ସହାୟକ ଗୋଷ୍ଠୀ ବଣ୍ଟନ କରିଥିଲେ। ବଣ୍ଟନ ହୋଇଥିବା ପୋଷାକ ଅତି ନିମ୍ନମାନର ହୋଇଥିବା ହେତୁ ପରିଚାଳନା ସମିତି ବ୍ଲକ ଶିକ୍ଷା ଅଧିକାରୀ ଶଙ୍କର ପ୍ରସାଦ ମାଝିଙ୍କୁ ଗତ ଡିସେମ୍ବର ୨୦ ତାରିଖ ଦିନ ଲିଖିତ ଅଭିଯୋଗ କରି ଘଟଣାର ତଦନ୍ତ କରିବାକୁ ଅନୁରୋଧ କରିଥିଲେ । କିନ୍ତୁ କୌଣସି ସୁଫଳ ମିଳିନାହିଁ । ଯଦି ଘଟଣାର ତଦନ୍ତ ଆଗାମୀ ୫ ଦିନ ମଧ୍ୟରେ କରା ନ ଯାଏ ତାହେଲେ ଜିଲା ଶିକ୍ଷା ଅଧିକାରୀ ଏବଂ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯିବ ବୋଲି ଅଭିଯୋଗକାରୀମାନେ ପ୍ରକାଶ କରିଛନ୍ତି। ଏନେଇ ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ମାଝିଙ୍କୁ ପଚାରିବାରେ ଯଥାଶୀଘ୍ର ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ



ଚାମ୍ପିୟନ ସାନ୍‌ଭି ସେନ୍ ଦଳ ମୁଖ୍ୟଅତିଥିଙ୍କ ଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ଆରଏସ୍ ଫାଇଟରକୁ ହରାଇ ସାନଭି ସେନ୍ ଏକାଦଶ ଚାମ୍ପିୟନ**

ବଲାଙ୍ଗୀର,୨୧।୧(ବୀରେନ୍ଦ୍ର କୁମାର ଝାଙ୍କର)

ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ପଡିଆରେ ଚାଲିଥିବା ପ୍ରଥମ ଲଳିତ ନାୟକ ମେମୋରିଆଲ୍ ସର୍ବଭାରତୀୟ ଫ୍ଲଡ୍ ଲାଇଟ୍ କ୍ରିକେଟ୍ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ରୋମାଞ୍ଚକର ଫାଇନାଲରେ ସାନଭି ସେନ ଏକାଦଶ ଦଳ ବିଜୟୀ ହୋଇଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ବିଧାୟକ କଲିକେଶ ନାରାୟଣ ସିଂଦେଓ ଏବଂ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ କ୍ରୀଡାବିତ ଶ୍ରୀକର ମିଶ୍ର ଯୋଗ ଦେଇଥିଲେ। ସଭାରେ ଉପଦେଷ୍ଟା କମିଟିର ପ୍ରଭାକର ମିଶ୍ର , ପ୍ରଦ୍ୟୁତ୍ ମିଶ୍ର, ବୀରେନ୍ଦ୍ର କୁମାର ଝାଙ୍କରଙ୍କ ସମେତ କମିଟି ଅଧ୍ୟକ୍ଷ ଦୀପକ ରଞ୍ଜନ ନାୟକ ଏବଂ ଅଙ୍କୁଶ ପାଣ୍ଡିଆ ଉପସ୍ଥିତ ଥିଲେ। ଫାଇନାଲ ମ୍ୟାଚରେ ସାନଭି ସେନ୍ ଏକାଦଶ ଦଳ ଆରଏସ ଫାଇଟରକୁ ପରାସ୍ତ କରି ପ୍ରଥମ ଚମ୍ପିୟନ ଦଳ ଭାବେ ବିଜୟୀ ଟ୍ରଫି ସହିତ ଏକ ଲକ୍ଷ ଟଙ୍କାର ପୁରସ୍କାର ରାଶି ଗ୍ରହଣ କରିଥିଲେ। ରନର ଅପ୍ ଦଳକୁ ୩୩ ହଜାର ୩୩୩ ଟଙ୍କାର ପୁରସ୍କାର ରାଶି ସହ ରନର ଅପ୍ ଟ୍ରଫି ଦିଆଯାଇଥିଲା। ଦୀପକ ରଞ୍ଜନ ନାୟକଙ୍କ ନେତୃତ୍ୱରେ ଆୟୋଜିତ ସଭା କାର୍ଯ୍ୟକୁ ଶୁଭସ୍ମିତା ଗୁରୁ ପରିଚାଳନା କରିଥିଲେ। ଅତିଥିମାନେ ସ୍ୱର୍ଗତ ସମାଜସେବୀ ଓ କ୍ରୀଡା ସଙ୍ଗଠକ ଲଳିତ ନାୟକଙ୍କ ସେବା କାର୍ଯ୍ୟ ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ବୋଲି କହିଥିଲେ। ମ୍ୟାଚରେ ରାଜକୁମାର ପାଣିଗ୍ରାହୀ, ପି. ବାଗ ଓ ମୁକେଶ ସ୍ୱାଇଁ ଅମ୍ପାୟର ଭାବେ ପରିଚାଳନା କରିଥିଲେ। ପାର୍ଥ ସାରଥୀ ଦାଶ ଏବଂ ବିଭୂତି ଭୂଷଣ ମିଶ୍ର ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟରେ ଗୋପାଳ ଦାନୀ, ବୁଲୁ ବେହେରା, ଜୟନାରାୟଣ ବହିହାର, ବିବେକାନନ୍ଦ ପଟେଲ, ବିକି ହୋତା, ସୁମିତ ଦାସ, ପ୍ରଦୋଷ ବିଶି, ମନୋଜ କ୍ଷେତୀ, ବିଶ୍ୱଜିତ ପାତ୍ର, ସୁଜିତ ମିଶ୍ର, ରିଣ୍ଟୁ ଠାକୁର, ରୋହିତ ଚନ୍ଦନ, ସୁମିତ ସାହୁ, ଦେବାଶିଷ ଦାଶ, ଶୋଭାନ ଅଗ୍ରୱାଲ, ତାପସ ମହାନ୍ତି, ଜିତୁ ଥପା, ଆଶୁତୋଷ ବାଗ, ରାହୁଲ ସାହୁ ଓ ଶିବା ସାଏ ସହଯୋଗ କରିଥିଲେ ।

# ଫାଇନାଲରେ ଟିଟିଲାଗଡ଼, ଜରାସିଂହା


ସିଏମ୍ ଟ୍ରଫି ଫୁଟବଲ ଚମ୍ପିୟନଶିପ୍‌ର ସେମିଫାଇନାଲ ମ୍ୟାଚ୍‌ରେ ଉଭୟ ଦଳର ଖେଳାଳି, ରେଫରି ସହ ଅତିଥି।

**ସିଏମ୍ ଟ୍ରଫି ଜିଲାସ୍ତରୀୟ ଫୁଟ୍‌ବଲ ଚାମ୍ପିୟନଶିପ୍**

ବଲାଙ୍ଗୀର,୨୧।୧(ବୀରେନ୍ଦ୍ର କୁମାର ଝାଙ୍କର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଆହ୍ୱାନକ୍ରମେ ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ, ବଲାଙ୍ଗୀର ଜିଲା ପ୍ରଶାସନ, ଓଡିଶା ଫୁଟବଲ ଆସୋସିଏଶନ ଓ ଜିଲା କ୍ରୀଡା ସଂସଦ ମିଳିତ ଆୟୋଜନରେ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ସିଏମ୍ ଟ୍ରଫି ଜିଲାସ୍ତରୀୟ ଫୁଟବଲ ଚାମ୍ପିୟନଶିପ୍‌ର (ବାଳକ ବିଭାଗ ୧୫ ବର୍ଷ କମ୍ ବର୍ଗ) ମ୍ୟାଚ୍ ଜାରି ରହିଛି। ମଙ୍ଗଳବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚରେ ଜରାସିଂହା ଦଳ ୮−୦ ଗୋଲରେ ସାଉନ୍ତପୁର ଦଳକୁ ହରାଇ ଫାଇନାଲକୁ ପ୍ରବେଶ କରିଛି । ଏହି ଦିନ ଦ୍ୱିତୀୟ ମ୍ୟାଚରେ ପାଟଣାଗଡ ଦଳ ୧−୦ ଗୋଲରେ ତୁରେକେଲା ଦଳକୁ ହରାଇଥିଲା। ଦୁଇ ମ୍ୟାଚ୍‌କୁ ରେଫରି ଦେବାଶିଷ ବାଗ, ଧନେଶ୍ୱର ସେଠ, ତ୍ରିନାଥ ଚନ୍ଦନ, ସରିତ ଅଦାବରିଆ, ନରସିଂସ୍ୱାମୀ ନାଇଡୁ, ଲବ ସୁନାନୀ, ଯଶୋବନ୍ତ ମାଝି, ଭୁବନେ ଭୋଇ, ଅବଦୁଲ ମୁଜିବ୍ ଓ ସୁଦର୍ଶନ ସେଠ ପରିଚାଳନା କରିଥିଲେ। ପୂର୍ବତନ ଫୁଟବଲ ଖେଳାଳି ଚିତ୍ତ ରଞ୍ଜନ ଥନାପତି (ଜରାସିଂହା), ଲୋକନାଥ କୁମୁରା (ଚୁଡାପାଲି) ଓ ସିସିଏଫ୍‌ଏ ବଲାଙ୍ଗୀରର ସଭାପତି ସୁରେନ୍ଦ୍ର ନାଗ (ସୋନୁ) ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

ଫାଓ ଓଡିଶା ତଥା ଜିଲା କ୍ରୀଡା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ଉପସଭାପତି କୃଷ୍ଣଚନ୍ଦ୍ର ମିଶ୍ର, ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ, ଯୁଗ୍ମ ସମ୍ପାଦକ ଶତ୍ରୁଘ୍ନ ସିଂ, ଡିପିଇଓ ପ୍ରଦୀପ କୁମାର ପାତ୍ର, ବରିଷ୍ଠ ସଦସ୍ୟ ସୁଧୀର ଚନ୍ଦ୍ର ପଣ୍ଡା, କ୍ରୀଡା ସମ୍ପାଦକ ବିଭୁତି ଭୂଷଣ ପଣ୍ଡା, ରୁରାଲ ସ୍ପୋର୍ଟସ୍ ଓ ମହିଳା ସ୍ପୋର୍ଟସ୍ ସମ୍ପାଦକ ସୁଧାଂଶୁ ସେଠ ମଞ୍ଚାସୀନ ଥିଲେ । କ୍ରୀଡା ସଂସଦ କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ପୂର୍ବତନ ଫୁଟବଲ ଖେଳାଳି ପ୍ରଦୀପ ମହାରଣା, ଶ୍ରୀକାନ୍ତ ରାଉତ ଓ ଜିତୁ କୁମାର ଦଲେଇ ଉପସ୍ଥିତ ଥିଲେ । ବୁଧବାର ଫାଇନାଲ ଖେଳ ଟିଟିଲାଗଡ ଦଳ ବନାମ ଜରାସିଂହା ଦଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜନ କମିଟି ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ ସୂଚନା ଦେଇଛନ୍ତି।

### ବେଆଇନ କଫ ସିରପ୍ ରଖିବା ଅଭିଯୋଗରେ ୫ ଗିରଫ

- ଖପ୍ରାଖୋଲ ପୋଲିସର ଚଢ଼ାଉ
- କଫ ସିରପ ଜବତ

ଖପ୍ରାଖୋଲ,୧୧।୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ବେଆଇନ କଫ ସିରପ୍ ରଖିବା ଅଭିଯୋଗରେ ୫ ଜଣ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଯୁବକମାନେ ହେଲେ ଧଣ୍ଡାମୁଣ୍ଡା ଗାଁର ସତ୍ୟପ୍ରିୟ ପଟେଲ ଓରଫ କାଳିଆ (୪୩), ମନୋରଞ୍ଜନ ପଧାନ(୨୯), ବାଲଗୋପାଳ ଥନାପତି (୩୪), ଫାଲଗୁନୀ ଥନାପତି ଓରଫ ମୁନା (୩୫) ଓ ବାଞ୍ଜିପାଲି ଗାଁର ଏମ.ଡି. ଅନିସ (୪୩)। ଅଭିଯୁକ୍ତଙ୍କ ଠାରୁ ୧୦ ବୋତଲ କଫ ସିରଫ , ନିଶା ବଟିକା ଓ ୨ ଟି ମୋଟର ସାଇକେଲ ଜବତ ହୋଇଛି। ପ୍ରକାଶ ଯେ, ପୋଲିସ ସୋମବାର ରାତିରେ ପାଟ୍ରୋଲିଂ କଲା ବେଳେ ଧଣ୍ଡାମୁଣ୍ଡା ଗାଁ ନିକଟରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲେ। ଏନେଇ ଖପ୍ରାଖୋଲ ଥାନା ନଂ ୨୨/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି।

# ସମାଜର ବିଭିନ୍ନ ସମସ୍ୟା ନେଇ ଆଲୋଚନା

ଟିଟିଲାଗଡ,୨୧।୧(ସନ୍ତୋଷ ପଟ୍ଟନାୟକ)

ଟିଟିଲାଗଡସ୍ଥିତ ଚିତ୍ରଗୁପ୍ତ କଲ୍ୟାଣମଣ୍ଡପଠାରେ ଚିତ୍ରଗୁପ୍ତ ସମାଜର ବଲାଙ୍ଗୀର ଜିଲା ଓ ବିଭିନ୍ନ ସହରର ସଭାପତି ଓ ସମ୍ପାଦକମାନଙ୍କୁ ନେଇ ଜିଲାସ୍ତରୀୟ ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଚିତ୍ରଗୁପ୍ତ ସମାଜର କିପରି ଉନ୍ନତି ହେବ ଓ ସଙ୍ଗଠନ କିପରି ଆଗକୁ ବଢିବ ସେନେଇ ଆଲୋଚନା ହୋଇଥିଲା। ଚିତ୍ରଗୁପ୍ତ ସମାଜର ମହିଳାମାନେ କିପରି ଆଗକୁ ଯିବେ, ବିକଳାଙ୍ଗମାନଙ୍କୁ କିପରି ସମାଜ ସାହାଯ୍ୟ ଓ ସହଯୋଗ କରିପାରିବ ତାହା ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ରାମଶଙ୍କର ଦାସ ଏବଂ ସମ୍ପାଦକ ପ୍ରଦୀପ ପଟ୍ଟନାୟକ ଓ ବିକ୍ରମ ବହିଦାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସମାଜର ସଇଁତଲା ସଭାପତି ରଜତ ପଟ୍ଟନାୟକ, ପାଟଣାଗଡ ସଭାପତି ଦର୍ପଗଞ୍ଜନ ପଟ୍ଟନାୟକ, ବଲାଙ୍ଗୀର ସଭାପତି ପ୍ରୀତମ ବକ୍ସି ଓ ସମ୍ପାଦକ ଅଶ୍ୱିନୀ ପଟ୍ଟନାୟକ, କଣ୍ଟାବାଞ୍ଜି ସଭାପତି ପୂର୍ଣ୍ଣ ମହାନ୍ତି ଓ ସମ୍ପାଦକ ବୃନ୍ଦାବନ ମହାନ୍ତି ଯୋଗ ଦେଇଥିଲେ । ଏହାଛଡା ଟିଟିଲାଗଡ଼ ସଭାପତି ଦୟାସାଗର ପଟ୍ଟନାୟକ ଓ ସମ୍ପାଦକ ସନ୍ତୋଷ ମହାନ୍ତି, ଉପସଭାପତି ସୁବାସ ଚନ୍ଦ୍ର ବହିଦାର, କୋଷାଧ୍ୟକ୍ଷ ଶଙ୍କର୍ଷଣ ପଟ୍ଟନାୟକ, ସହ ସଂପାଦକ ପୂର୍ଣ୍ଣଚନ୍ଦ୍ର ମହାନ୍ତି, କାର୍ଯ୍ୟନିର୍ବାହୀ ସଦସ୍ୟ ସୀତାରାମ ପଟ୍ଟନାୟକ, ଚକ୍ରପାଣି ପଟ୍ଟନାୟକ, ଗୌରୀଶଙ୍କର ପଟ୍ଟନାୟକଙ୍କ ସମେତ ସମାଜର ନାରୀମାନେ ଉପସ୍ଥିତ ଥିଲେ । ଆଇନଜୀବୀ ପ୍ରଦୀପ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ । ଡ. ପ୍ରକାଶ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# କଳାହାଣ୍ଡି ଇଲେଭେନ ଷ୍ଟାର ବିଜୟୀ

**ମା’ ପାଟଖଣ୍ଡ ଅଲ୍ ଓଡିଶା ଫୁଟ୍‌ବଲ ଟୁର୍ନାମେଣ୍ଟ**

ଦେଓଗାଁ,୨୧।୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ଲାଲ ଜଗନ୍ନାଥ ପ୍ରସାଦ ମିନିଷ୍ଟାଡିୟମଠାରେ ଚାଲିଥିବା ମା’ ପାଟଖଣ୍ଡ ଫୁଟବଲ କପ୍ ଚତୁର୍ଥ ଦିବସରେ ବଲାଙ୍ଗୀର ସ୍ପୋର୍ଟ୍ସ ହଷ୍ଟେଲ ଓ କଳାହାଣ୍ଡି ଇଲେଭେନ ଷ୍ଟାର ମଧ୍ୟରେ ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ୩.୦ ଗୋଲରେ କଳାହାଣ୍ଡି ଇଲେଭେନ ଷ୍ଟାର ଦଳ ବିଜୟୀ ହୋଇଛି । ଜିତୁ ପାତ୍ରଙ୍କ ତତ୍ତ୍ୱାବଧାନରେ ଖେଳକୁ ସଞ୍ଜନ କୁଦେଇ, ସଞ୍ଜିବ ମହାରଣା, ଲୋକନାଥ ଦଣ୍ଡସେନା, ଖେଳ କମିଶନର ସୁଶାନ୍ତ ଥନାପତି ପରିଚାଳନା କରିଥିଲେ । ଭୋଲା ପଥିମାଲି ଧାରା ବିବରଣୀ ପ୍ରଦାନ କରିଥିଲେ । କମିଟି ସଭାପତି କରୁଣାକର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନଧି ଖମାରୀ, ଉପାଧ୍ୟକ୍ଷା ସୂର୍ଯ୍ୟକାନ୍ତି ଛତ୍ରିଆ, ସମିତିସଭ୍ୟ ଅମିତ ତ୍ରିପାଠୀ, ସରପଞ୍ଚ କୁଶମଣି ମେହେର, ସାମାଜିକ କର୍ମୀ ଅନ୍ତର୍ଯ୍ୟାମୀ ଭୋଇ, ଉଜ୍ଜଳ ଝାଙ୍କର, ସନ୍ତୋଷ ଥନାପତି, ପ୍ରମୋଦ ସିଂନିନା ପ୍ରମୁଖ ଯୋଗଦେଇଥିଲେ । ଶ୍ରେଷ୍ଠ ଖେଳାଳି ଭାବେ ପପୁ ମାଝୀଙ୍କୁ ସମ୍ମାନିତ କରାଯାଇଥିଲା । ଫୁଟବଲ ଟୁର୍ନାମେଣ୍ଟ ପରିଚାଳନାରେ ବିଏନଏଏ ର ସମସ୍ତ କର୍ମକର୍ତ୍ତା ସହଯୋଗ କରୁଛନ୍ତି । ବୁଧବାର ସୋନପୁର ଥ୍ରେନ୍ସ କ୍ଲବ ଓ ଫୁଲବାଣୀ ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେ ଲିଗ୍ ମ୍ୟାଚ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।


ଖେଳାଳିଙ୍କ ଗହଣରେ ଅତିଥି ବୃନ୍ଦ।

# ‘କଳା, ସଂସ୍କୃତି, ଆବେଗମୟ ସ୍ଥାନ ବଲାଙ୍ଗୀର’

ବଲାଙ୍ଗୀର,୨୧।୧(ବୀରେନ୍ଦ୍ର କୁମାର ଝାଙ୍କର)


ଲୋକ କଳାକାର ନନ୍ଦରାଜ ନାଏକଙ୍କୁ ମୁଖ୍ୟଅତିଥି ଆଇଜି ହିମାଂଶୁ ଲାଲ ସମ୍ମାନିତ କରୁଛନ୍ତି।

**ବଲାଙ୍ଗୀର ଲୋକ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା**

ବଲାଙ୍ଗୀର ଲୋକଉତ୍ସବର ମଙ୍ଗଳବାର ଥିଲା ଦ୍ୱିତୀୟ ସନ୍ଧ୍ୟା । ଏହି ଅବସରରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ ଲାଲ ଯୋଗଦେଇ ବଲାଙ୍ଗୀର ଉତ୍କର୍ଷ କଳା, ସଂସ୍କୃତି ଏବଂ ଆବେଗର ସ୍ଥାନ ବୋଲି କହିଥିଲେ। ଲୋକଙ୍କ ସୁରକ୍ଷା ପାଇଁ ପୋଲିସ ୟୁନିଫର୍ମରେ ସବୁବେଳେ ପ୍ରସ୍ତୁତ ରହିଛି ବୋଲି କହି ବଲାଙ୍ଗୀର ଏସ୍‌ପିଙ୍କୁ ପ୍ରଶଂସା କରିଥିଲେ।

ଏଡିଏମ୍ ପବିତ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନ୍ୟତମ ଅତିଥି ଭାବେ ଏସ୍‌ପି ଋଷିକେଶ ଖିଲାରି, ଟିଟିଲାଗଡ ଉପଜିଲାପାଳ ରେହାନ ଖେତ୍ରୀ, ବଲାଙ୍ଗୀର ଉପଜିଲାପାଳ ଆଲୋକ ପଟେଲ, ପାଟଣାଗଡ ଉପଜିଲାପାଳ ସୁନୀଲ କୁମାର ମେହେର, ଅତିଥି କଳାକାର ବିନୋଦ ବିହାରୀ ଦାଶ ଓ ବିକାଶ ସା ମଞ୍ଚାସୀନ ଥିଲେ। ରସରାଜ ଅଚ୍ୟୁତ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ସଂସ୍କୃତି ଅଧିକାରୀ ରଶ୍ମି ମିଶ୍ର ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଲୋକ କଳାକାର ନନ୍ଦରାଜ ନାଏକଙ୍କୁ ମୁଖ୍ୟଅତିଥି ଆଇଜି ଲାଲ ସମ୍ମାନିତ କରିଥିଲେ। ଜିଲା ସଂସ୍କୃତି ପରିଷଦ ଏବଂ ଲୋକଉତ୍ସବ ସମିତି ମିଳିତ ଆନୁକୂଲ୍ୟରେ ଆୟୋଜିତ ଲୋକଉତ୍ସବରେ ଘୁଡକା, ଢେଙ୍କାନାଳର ଲଉଡି ନୃତ୍ୟ, ମହାରାଷ୍ଟ୍ରର ଗୋନ୍ଧାଲ, ଆସାମର ରାଭା, କଳାହାଣ୍ଡିର ଘୁମରା ଆଦି ନୃତ୍ୟ ପରିବେଷଣ କରାଯାଇଥିଲା। ସମ୍ମାନ କମିଟି ପକ୍ଷରୁ ସ୍ଥାନୀୟ ଟାଉନ ବାଳିକା ହାଇସ୍କୁଲଠାରେ ଅଚ୍ୟୁତ ପୁରୋହିତଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚକ ଭାବେ ଡ. ପରମେଶ୍ୱର ମୁଣ୍ଡ, ଡ. ଲକ୍ଷ୍ମଣ ମେହେର, ଡ. ଘାସିରାମ ମିଶ୍ର, ଜଗଦାନନ୍ଦ ଛୁରିଆ, ପ୍ରଶାନ୍ତ ପଟ୍ଟନାୟକ, ଜୟ କୁମାର ଆଚାର୍ଯ୍ୟ ଓ ନରେନ୍ଦ୍ର କୁମାର ମିଶ୍ର ଓ ସନାତନ ଠାକୁର ଯୋଗଦାନ କରିଥିଲେ। ଆଲୋଚନାଚକ୍ରରେ ବିଭିନ୍ନ କଳାକାର ଘୁଡୁକା ନୃତ୍ୟରେ ବଲାଙ୍ଗୀରର ସ୍ୱତନ୍ତ୍ରତା ଦିଗରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଲଳିତ କୁମାର ସାହୁ ସଂଯୋଜନା କରିଥିଲେ। ସମ୍ମାନ କମିଟି ସଦସ୍ୟ ସଙ୍ଗୀତା ଦାଶ, ଗୋଲାପ ବାଗ, ପ୍ରଭାକର ମିଶ୍ର, ଜୟକୃଷ୍ଣ ମିଶ୍ର ସହଯୋଗ କରିଥିଲେ । କୌତୁକ ପନ୍ଦର ଧନ୍ୟବାଦ ଦେଇଥିଲେ। କୋଶଳ କଳା ମଣ୍ଡଳ ପୁରୁଣା ମଞ୍ଚରେ ଦଳୀୟ ଲୋକବାଦ୍ୟ ପରିବେଷଣ କରାଯାଇଥିଲା।

# ଟାଙ୍ଗିଆ ଚୋଟରେ ଜଣେ ମୃତ, ୨ ଗୁରୁତର

## ଶୋଇଥିବା ଅବସ୍ଥାରେ ଆକ୍ରମଣ, ଆକ୍ରମଣକାରୀ ଅଟକ

**ପଦ୍ମପୁର,୨୧।୧(ପ୍ରଦୀପ୍ତ ଦାସ):** ବରଗଡ଼ ଜିଲା ରାଜବୋଡ଼ାସମ୍ବର ବ୍ଲକ କନସିଂହା ପଞ୍ଚାୟତ ଅନ୍ତର୍ଗତ ବଇଦପାଲି ଗ୍ରାମରେ ସୋମବାର ଏକ ହତ୍ୟାକାଣ୍ଡ ଘଟିଛି। ଘରେ ଶୋଇଥିବା ସମୟରେ ଟାଙ୍ଗିଆରେ ଆକ୍ରମଣ କରାଯିବାରୁ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଖଗେଶ୍ୱର ବରିହା। ଏହି ଘଟଣାରେ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ସୂଚନା ଅନୁସାରେ, ସୋମବାର ରାତିରେ ବଇଦ ପାଲିର ଈଶ୍ୱର ନେଟୀଙ୍କ ଘରେ ଈଶ୍ୱରଙ୍କ ସମେତ ଉମାଶଙ୍କର ଧରୁଆ, ଖଗେଶ୍ୱର ବରିହା, ସାନନ୍ଦ ଜଗତ ଏକାଠି ଶୋଇଥିଲେ। ରାତିରେ କୌଣସି କାରଣରୁ ସେମାନଙ୍କ ମଧ୍ୟରୁ ଜଣେ ଅନ୍ୟ ତିନି ଜଣଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଗୁରୁତର ଆହତମାନଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ପ୍ରଥମେ ପଦ୍ମପୁର ତାପରେ ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଖଗେଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ଦୁଇଜଣ ଆହତ ବୁର୍ଲା ଡାକ୍ତରଖାନାରେ ଜୀବନ ମରଣ ସହ ଲଢୁଛନ୍ତି । ଈଶ୍ୱର ନେଟୀଙ୍କ ସ୍ତ୍ରୀଙ୍କ ଲିଖିତ ଏତଲାକୁ ଆଧାର କରି ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

## ଅବସରପ୍ରାପ୍ତ ଡେମୋନଷ୍ଟ୍ରେଟରଙ୍କ ପରଲୋକ

**ସରଣ୍ଡା,୨୧।୧(ଯୁଧିଷ୍ଠିର ମହାପାତ୍ର):** ଅତାବିରା ବ୍ଲକ ଲରମ୍ବା କଲେଜର ଅବସରପ୍ରାପ୍ତ ପ୍ରାଣୀବିଜ୍ଞାନ ବିଭାଗ ଡେମୋନଷ୍ଟ୍ରେଟର ନିରଞ୍ଜନ ରଥ(୭୪)ଙ୍କ ସୋମବାର ବୁର୍ଲା ଶ୍ରୀରାମ ବିହାରସ୍ଥିତ ବାସଭବନରେ ପରଲୋକ ହୋଇଛି। ରଥ ନାଟ୍ୟ ଜଗତରେ ମଧ୍ୟ ସୁନାମ ଅର୍ଜନ କରିଥିଲେ। ଭାରତୀୟ ସେନାରେ କାର୍ଯ୍ୟରତ ରଥଙ୍କ ପୁଅ ଆଶୁତୋଷ ପହଞ୍ଚିବା ପରେ ମଙ୍ଗଳବାର ସ୍ଥାନୀୟ ରାଜଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।



ବରଗଡ଼ ଗାନ୍ଧିଛକ ରାସ୍ତା ଉପରେ ବନ୍ଦ ପାଳନ।


ବନ୍ଦ ପାଳନରେ ପୂର୍ବତନ ବରଗଡ଼ ବିଧାୟକଙ୍କ ସମେତ ବିଜେଡ଼ି କାର୍ଯ୍ୟକର୍ତ୍ତା ସାମିଲ।

# ପୋଲିସ ଅବହେଳା ପ୍ରତିବାଦରେ ବରଗଡ଼ ବନ୍ଦ

## ଧନୁଯାତ୍ରାରୁ ନିଖୋଜ ଯୁବତୀ ଜଙ୍ଗଲରୁ ଉଦ୍ଧାର ଘଟଣା

■ ବନ୍ଦକୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନ

**ବରଗଡ଼,୨୧।୧(ପ୍ରେମାନନ୍ଦ ଖମାରୀ)**

ଧନୁଯାତ୍ରାରୁ ନିଖୋଜ ଯୁବତୀ ଜଙ୍ଗଲରୁ ଉଦ୍ଧାର ମାମଲା ରାଜ୍ୟରେ ହଇଚଇ ସୃଷ୍ଟି କରିଛି। ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ପୋଲିସର ଅବହେଳାର ପ୍ରତିବାଦ ଓ ବିଭିନ୍ନ ଦାବି ନେଇ ମଙ୍ଗଳବାର ବରଗଡ଼ ନାଗରିକ କମିଟି ୧୨ଘଣ୍ଟିଆ ବରଗଡ଼ ବନ୍ଦ ଡାକରା ଦେଇଥିଲା। ସକାଳ ୬ରୁ ସନ୍ଧ୍ୟା ୬ଟା ଯାଏ ହୋଇଥିବା ବନ୍ଦ ପାଳନକୁ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ମିଳିଥିଲା। ବରଗଡ଼ ସହରର ପରିବାହାଟଠାରୁ ଆରମ୍ଭ କରି ସମସ୍ତ ଦୋକାନ, ବଜାର, ସରକାରୀ, ବେସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ ଆଦି ବନ୍ଦ ରହିଥିଲା। ବରଗଡ଼ ଗାନ୍ଧୀଛକ ସମେତ ସହର ଉପକଣ୍ଠ ହଳଦୀପାଲି ଛକ, ବିକାଶ ଛକ ଏବଂ ବରଡ଼ୋଲ ଛକରେ ରାସ୍ତାରୋକୋ ହେବାରୁ ଗାଡ଼ି


ଜିଲା ଦୌରାଜଜ୍ ଏବଂ ଅନ୍ୟ ବିଚାର ବିଭାଗୀୟ କର୍ମଚାରୀ ପୋଲିସ ସୁରକ୍ଷା ବଳୟରେ କୋର୍ଟକୁ ଯାଉଛନ୍ତି।

ଚଳାଚଳ ମଧ୍ୟ ସମ୍ପୂର୍ଣ୍ଣ ଠପ୍ ପଡ଼ି ଯାଇଥିଲା।

ବରଗଡ଼ ନାଗରିକ କମିଟି ଆହୂତ ଏହି ବନ୍ଦ ପାଳନରେ ବିଭିନ୍ନ ସାମାଜିକ ସଙ୍ଗଠନ ସମେତ ବିଜେଡି, କଂଗ୍ରେସ ମଧ୍ୟ ସାମିଲ ହୋଇଥିଲା। ସ୍ଥାନୀୟ ଗାନ୍ଧୀ ଛକ ରାସ୍ତା ଉପରେ ଟେଣ୍ଟ ପକାଇ ପ୍ରତିବାଦ ସଭା ହୋଇଥିଲା। ଏହି ସଭାରେ ସାମାଜିକ ସଙ୍ଗଠନ ସମେତ ବିଜେଡି, କଂଗ୍ରେସର ପ୍ରତିନିଧିବୃନ୍ଦ ଉପସ୍ଥିତ ୪ଦଫା ଦାବି କରିଥିଲେ। ପୀଡ଼ିତାଙ୍କୁ ଉଚ୍ଚମାନର ଚିକିତ୍ସା ପ୍ରଦାନ ସହିତ ପୀଡ଼ିତା ପରିବାରବର୍ଗଙ୍କୁ ୨୦ଲକ୍ଷ ଟଙ୍କା ଆର୍ଥିକ ସହାୟତା, ପୀଡ଼ିତାଙ୍କ ଶାରୀରିକ ପରୀକ୍ଷା ଫୋରେନ୍ସିକ ମେଡିକୋ ଟେକ୍ନୋଲୋଜି(ଏଫ୍ଏମ୍ଟି) ଟିମ୍ ଦ୍ୱାରା କରାଯିବା, ମାମଲାର ତଦନ୍ତରେ ଅବହେଳା କରିଥିବା ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ସମସ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

ବନ୍ଦ ପାଳନକୁ ବରଗଡ଼ ବଣିକ ସଂଘ, ହାଟପଦା ପରିବା ବିକାଳି ସଂଘ, ବରଗଡ଼ ଦୁର୍ଗା ମନ୍ଦିର କମିଟି, ଭୀମ୍ ଆର୍ମି, ସମତା ସୈନିକ ଦଳ, ଆମ୍ବେଡକର ଯୁବକ ସଂଘ, ସଂଯୁକ୍ତ କୃଷକ ସଙ୍ଗଠନ, ଅଭିଭାବକ ମହାସଂଘ, ସମ୍ବିଧାନ ସୁରକ୍ଷା ମଞ୍ଚ, ବିର୍ସାମୁଣ୍ଡା ସଂଘର୍ଷ ବାହିନୀ, ଏସ୍‌ସି, ଏସ୍‌ଟି ମିଳିତ ମଞ୍ଚ, କୋଶଲ ସେନା, ଭୂମିହୀନ ସଂଗ୍ରାମ ସମିତି, ପଶ୍ଚିମ ଓଡ଼ିଶା ଯୁବାମଞ୍ଚ, ନିଷ୍ଠା ପରିବାର, ସଂକଳ୍ପ ପରିବାର, ଜିଲା ସମାଜସେବୀ ସଂଘ, ବରଗଡ଼ ମୁସଲିମ ସମାଜ ଆଦି ସଂଗଠନ ସମର୍ଥନ କରିଥିଲେ। ବନ୍ଦ ପାଳନ ସମୟରେ ବରଗଡ଼ ସହର ପୋଲିସ ଛାଉଣୀରେ ପରିଣତ ହୋଇଥିଲା। ସେହିପରି ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ମଧ୍ୟ ବରଗଡ଼ ପହଞ୍ଚି ବନ୍ଦ ପାଳନର ସ୍ଥିତି ଅନୁଧ୍ୟାନ କରିଥିଲେ।

### କୋର୍ଟ ସମ୍ମୁଖରେ କଡ଼ା ବିରୋଧ, ପୋଲିସ ସହ ଧସ୍ତାଧସ୍ତି

ବରଗଡ଼ ବନ୍ଦ ପାଳନ ସମୟରେ ସ୍ଥାନୀୟ କୋର୍ଟ ସମ୍ମୁଖରେ ବନ୍ଦ ପାଳନକାରୀଙ୍କ କଡ଼ା ବିରୋଧ ଦେଖିବାକୁ ମିଳିଥିଲା। ଜିଲା ଦୌରାଜଜ୍‌ଙ୍କ ସମେତ ଅନ୍ୟ ଜଜ୍ ଏବଂ ବିଚାର ବିଭାଗୀୟ କର୍ମଚାରୀମାନେ ସକାଳ ୯ଟାରେ ଚାଲିଚାଲି ପୋଲିସ ସୁରକ୍ଷା ବଳୟରେ କୋର୍ଟ ସମ୍ମୁଖକୁ ପହଞ୍ଚି ଥିଲେ। ଏହି ସମୟରେ ବନ୍ଦ ପାଳନକାରୀମାନେ ବନ୍ଦ ପାଳନର ଉଦ୍ଦେଶ୍ୟ, ଆଭିମୁଖ୍ୟ କହି କୋର୍ଟ ବନ୍ଦ ରଖିବା ପାଇଁ ଜିଲା ଦୌରାଜଜ୍‌ଙ୍କୁ ଅନୁରୋଧ କରିଥିଲେ। କୋର୍ଟ ବନ୍ଦ ପାଇଁ ସୁପ୍ରିମକୋର୍ଟଙ୍କ କୌଣସି ନିର୍ଦ୍ଦେଶ ନ ଥିବା ଯୋଗୁ ଜିଲା ଦୌରାଜଜ୍ ସେହି ଅନୁରୋଧ ରଖି ପାରି ନ ଥିଲେ। ଏହାପରେ ପୋଲିସ ସୁରକ୍ଷାବଳୟରେ ଜିଲା ଦୌରାଜଜ୍ ଏବଂ ଅନ୍ୟ ଜଜ୍, ବିଚାର ବିଭାଗୀୟ କର୍ମଚାରୀମାନେ କୋର୍ଟ ଭିତରକୁ ପଶୁଥିବାବେଳେ ବନ୍ଦ ପାଳନକାରୀମାନେ କଡ଼ା ବିରୋଧ କରିଥିଲେ। ଏହି ସମୟରେ ବନ୍ଦ ପାଳନକାରୀ, ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା।

## ଢେକିମୁଣ୍ଡାରେ ବିଦାୟ, ସ୍ୱାଗତ ସମ୍ବର୍ଦ୍ଧନା ସଭା

**ପାଇକମାଳ,୨୧।୧(ବଡ଼ ଶତପଥି):** ବରଗଡ଼ ଜିଲା ଢେକିମୁଣ୍ଡା ଗ୍ରାମରେ ମଙ୍ଗଳବାର ପୂର୍ବାହ୍ନ ୧୧ଟା ୪୫ରେ କାଂସଡ଼ା ଗ୍ରାମ ପଞ୍ଚାୟତର କୃଷୀ ଅଧିଦର୍ଶକ ଅଶୋକ କୁମାର ମିଶ୍ରଙ୍କ ଅବସର ବିଦାୟ କାଳୀନ ସମ୍ବର୍ଦ୍ଧନା ଓ ନୂତନ କୃଷୀ ଗ୍ରାମସେବକ ଚନ୍ଦ୍ରହାସ ନାଏକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏ ନେଇ ଏକ ସଭାର ଅୟୋଜନ କରାଯାଇଥିଲା। ଏହି ସଭାରେ କାଂସଡ଼ା ଗ୍ରାମ ପଞ୍ଚୟତର କାର୍ଯ୍ୟନିର୍ବାହୀ ଅଧିକାରୀ ରଜନି କାନ୍ତ ବରିହା, ଶ୍ରୀ ଅନ୍ନ ଅଭିଯାନର ପାଇକମାଳ ବ୍ଲକ ସଂଯୋଜକ ରାକେଶ କୁମାର ପ୍ରଧାନ, ଗ୍ରାମର ସଭାପତି ରୂପଧର ପାଣ୍ଡେ ଉପସ୍ଥିତ ଥିଲେ। ଅଶୋକ କୁମାର ମିଶ୍ର ଦୀର୍ଘ ତେର ବର୍ଷ କାଳ କାଂସଡ଼ା ପଞ୍ଚାୟତରେ କାର୍ଯ୍ୟରତ ରହି ସବୁ ବେଳେ ଲୋକଙ୍କ ସହିତ ଜଡିତ ରହିଥିଲେ। ଶେଷରେ ଅମୃତ ପାଣ୍ଡେ ଧନ୍ୟବାଦ ଜଣାଇ ଥିଲେ ।

## ଶିବିରରେ ୮୮ୟୁନିଟ୍ ରକ୍ତ ସଂଗ୍ରହ

**ବରଗଡ଼,୨୧।୧(ପ୍ରେମାନନ୍ଦ ଖମାରୀ):** ବରଗଡ଼ ବ୍ଲକ ତୋରା ପଞ୍ଚାୟତ ଅନ୍ତର୍ଗତ ନନ୍ଦିଟିକ୍ରାରେ ସୋମବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସାମାଜିକ ଅନୁଷ୍ଠାନ ନିଷ୍ଠା ପରିବାର ପକ୍ଷରୁ ଆୟୋଜିତ ଉକ୍ତ ଶିବିରରେ ୩୩ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସମ୍ବଲପୁର ରକ୍ତଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ସେହିପରି ସୋହେଲା ବ୍ଲକ ଅନ୍ତର୍ଗତ ଗର୍ଭଣାରେ ଉକ୍ତ ସାମାଜିକ ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ଶିବିରରେ ୫୫ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଭୀମସାର୍, ବୁର୍ଲା ଡାକ୍ତରଖାନା ରକ୍ତ ଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଉଭୟ ରକ୍ତଦାନ ଶିବିରରୁ ମୋଟ୍ ୮୮ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ନିଷ୍ଠା ପରିବାରର ସ୍ୱେଚ୍ଛାସେବୀମାନେ ଶିବିର ପରିଚାଳନା କରିଥିଲେ। ରକ୍ତଦାନ କରିଥିବା ସ୍ୱେଚ୍ଛାସେବୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ମାନକ କୁଇଜ୍ ପ୍ରତିଯୋଗିତା

**ବରଗଡ଼,୨୧।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତାସ୍ଥିତ ଜନତା ହାଇସ୍କୁଲ ଏବଂ ଭାରତୀୟ ମାନକ ବ୍ୟୁରୋର ଭୁବନେଶ୍ୱର ଶାଖା ତରଫରୁ ୭୮ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ମଙ୍ଗଳବାର ରାତି ୮ଟାରେ ଏକ ମାନକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଦୃଶ୍ୟଶ୍ରାବ୍ୟ ମାଧ୍ୟମରେ ମାନକ ଗୀତ ପ୍ରଦର୍ଶନ କରାଯାଇଥିଲା। ଏହାପରେ ମାନକ କ୍ଲବର ମାର୍ଗଦର୍ଶକ ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀଙ୍କ ସଂଯୋଜନାକ୍ରମେ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଏଥିରେ ମାନକ କ୍ଲବର ୭୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ଅଂଶୁମାନ ଚୌଧୁରୀ ପ୍ରଥମ, ବର୍ଷା ଦେହେରୀ ଦ୍ୱିତୀୟ, ଆଦ୍ୟାଶା ଭୋଇ ତୃତୀୟ ଏବଂ ସଂସ୍କୃତି ଗଡ଼ତିଆ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଅନୀତା ପ୍ରଧାନ, ଶିକ୍ଷକ ବୋଧରାମ ବିଶ୍ୱାଳ, ଆଶୁତୋଷ ଭୋଇ, ଅଙ୍କିତ ମହନ୍ତ, ସୁବାସ ଚନ୍ଦ୍ର ଖମାରୀ, ପ୍ରଶାନ୍ତ ମହାପାତ୍ର, ପଦ୍ମଲୋଚନ ବିଶି, ଶ୍ରୀପତି ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଆୟୋଜକଙ୍କ ଗହଣରେ ପ୍ରତିଯୋଗୀବୃନ୍ଦ।

# ସମ୍ବଲପୁରୀ ନାଚରେ ଦୁଲୁକିଲା ମଞ୍ଚ



**ପାଇକମାଳ,୨୧।୧(ବଡ଼ ଶତପଥି)**

ଓଡ଼ିଶାର ଅନେକ ପରିବାର ଭାରତର ବିଭିନ୍ନ ପ୍ରାନ୍ତରରେ ବସବାସ କରି ଓଡ଼ିଶା ମାଟିର ନାମ ରଖୁଛନ୍ତି। ସେମାନଙ୍କ ମଧ୍ୟରୁ ମହାରାଷ୍ଟ୍ର ପୁନେ ସହରରେ ବସବାସ କରୁଥିବା ଜଣେ ପ୍ରବାସୀ ଓଡ଼ିଆମାନଙ୍କ ପଞ୍ଜୀକୃତ 'ଭେଟଘାଟ କଲ୍ଚରାଲ ଆସୋସିଏଶନ' ତରଫରୁ ପୁନେର ଜୁନିୟର ଷ୍ଟାଫ କ୍ଲବ, ଖଡକିଠାରେ ପୁଷପୁନି ଭେଟଘାଟ ଗତ ସୋମବାର ସନ୍ଧ୍ୟା ୬ଟାରେ ପାଳନ ହୋଇଯାଇଛି।

### ପ୍ରବାସୀ ଓଡ଼ିଆଙ୍କ ପୁଷପୁନି ଭେଟଘାଟ

ଏଥିରେ ୩୦୦ରୁ ଊର୍ଦ୍ଧ୍ୱ ଲୋକେ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ଏକ ସଭା କରାଯାଇଥିଲା। ସଭାରେ ସଂଘର ସଭାପତି ହେମସାଗର ସାହୁ ଅଧ୍ୟକ୍ଷତା କରିଥିବା ବେଳେ ଜେନେରାଲ ସେକ୍ରେଟାରୀ ଦିବ୍ୟକିଶୋର ବକ୍ସି, ପୂର୍ବତନ ସଭାପତି ସଞ୍ଜୟ ମହାନ୍ତି, ଉପଦେଷ୍ଟା ମନସ୍ୱି ପ୍ରଧାନ ଓ ଅନୁପ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପଶ୍ଚିମ ଓଡ଼ିଶାର ପୁଷପୁନି ବିଷୟରେ ମଧ୍ୟ ସଞ୍ଜୟ ମହାନ୍ତି ନିଜର ମତାମତ ରଖିଥିଲେ। ପ୍ରଥମେ ରାଜଶ୍ରୀ ହୋତା ଏକ ଭଜନ ଗାନ କରିଥିଲେ। ଏହାପରେ କଳାକାରମାନଙ୍କ ସମ୍ବଲପୁରୀ ଗୀତ, ନାଚରେ ମଞ୍ଚ ଦୁଲୁକାଇ ଥିଲେ। ଏଥିରେ ମୁଗ୍ଧ ହୋଇ ଦର୍ଶକମାନେ ମଧ୍ୟ ନାଚି ପକାଇଥିଲେ। ଏହା ସାଙ୍ଗକୁ ପଶ୍ଚିମ ଓଡ଼ିଶାର ସ୍ୱାଦିଷ୍ଟ ଖାଦ୍ୟ ଭାତ, ଡାଲି, ଛତୁ ବେସର, ଘାଣ୍ଟ ତରକାରି, ରସଗୋଲର ମନଭରି ସମସ୍ତେ ଖାଇ ଥିଲେ। ପ୍ରବାସୀ ଓଡ଼ିଆ ମାନଙ୍କ ପାଇଁ ଆଗକୁ କିଛି ଭଲ କାମ କରିବାକୁ ସଂଘ ଆଲୋଚନା କରିଥିଲା।

# ବ୍ଲକସ୍ତରୀୟ ଜାତୀୟ ବାଳିକା ଦିବସ

**ସରଣ୍ଡା,୨୧।୧(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବାଳିକା ଉଚ୍ଚ ବିଦ୍ୟାଳୟଠାରେ ମଙ୍ଗଳବାର ଅତାବିରା ବ୍ଲକ ସ୍ତରୀୟ ଜାତୀୟ ବାଳିକା ଦିବସ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ମିଶ୍ରାଣୀ କୁମ୍ଭାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ ଏବଂ ତପନ କୁମାର ଦାସ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ବେହେରା, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଲାଦରପାଲିର ପ୍ରଧାନ ଶିକ୍ଷକ ଅଶୋକ କୁମାର ସାହୁ ଏବଂ ଅତାବିରା ସି.ଆର.ସି.ସି ନୃପ ଭୋଇ ମଞ୍ଚାସିନ ଥିଲେ। ବୁଗବୁଗା ସି.ଆର.ସି.ସି. ନନ୍ଦିଘୋଷ ଭୁଏ ସଭା ପରିଚାଳନା କରିଥିଲେ। ଏହି ଅବସରରେ ବକ୍ତୃତା, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀଙ୍କୁ ଜିଲା ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ହୋଇଥିଲେ। ଜିଲା ସ୍ତରୀୟ ପ୍ରତିଯୋଗିତା ଆସନ୍ତା ୨୪ ତାରିଖ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବରଗଡ଼ଠାରେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ସିଆରସିସି କୀଚକ ସୁନା, ରାଜୀବ ବିଶାଳ, କେଶବ ଛନ୍ଦ, ତ୍ରିଲୋଚନ ସେଠ, ରଶ୍ମିରାଣୀ ନନ୍ଦ ତଥା ସ୍ଥାନୀୟ ବିଦ୍ୟାଳୟର ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।


ଉପସ୍ଥିତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ସମେତ ଶିକ୍ଷକ , ଛାତ୍ରୀମାନେ।

## ହିନ୍ଦୀ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି

**ବରଗଡ଼,୨୧।୧(ପ୍ରେମାନନ୍ଦ ଖମାରୀ)**

ହିନ୍ଦୀ ପ୍ରତିଯୋଗିତା ପାଇଁ ସୋମବାର ଭଗବାନ ସ୍ମୃତି ସମିତିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୩ତାରିଖ ବରଗଡ଼ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ହିନ୍ଦୀ ପ୍ରତିଯୋଗିତା ହେବ ଏବଂ ଏଥିରେ ଷଷ୍ଠରୁ ଦଶମ ଶ୍ରେଣୀ ଯାଏ ଛାତ୍ରୀଛାତ୍ର ଭାଗ ନେବେ ବୋଲି ସୂଚନା ଦିଆଯାଇଥିଲା। ୩ଗ୍ରୁପରେ ପ୍ରତିଯୋଗିତା ହେବ ଏବଂ ପ୍ରତ୍ୟେକ ଗ୍ରୁପର ଶ୍ରେଷ୍ଠ ୧୦ଜଣ ଲେଖାଏ ଛାତ୍ରୀଛାତ୍ରଙ୍କୁ ଆସନ୍ତା ୧୮ତାରିଖ ବିଜୁ ପଟ୍ଟନାୟକ ଟାଉନ ହଲରେ ପୁରସ୍କୃତ କରାଯିବା ପାଇଁ ପ୍ରସ୍ତାବ ନିଆଯାଇଥିଲା। ବୈଠକରେ ସମିତିର ଅଧ୍ୟକ୍ଷ ପ୍ରଫେସର ଅମରେନ୍ଦ୍ର ନାରାୟଣ ଯାଦବ, ସମ୍ପାଦକ ପ୍ରଫେସର ପ୍ରତୁଲ ଚନ୍ଦ୍ର ତ୍ରିପାଠୀ, ଉପଦେଷ୍ଟା ସନ୍ତୋଷ ପଣ୍ଡା, ଉପସଭାପତି ମନୋରାମା ଷଡ଼ଙ୍ଗୀ, ଅରବିନ୍ଦ ଗୁପ୍ତା, ଜଗଦୀଶ ସୈନ, ରାମକୃଷ୍ଣ ଠାକୁର, ନିଳାମ୍ବର ମେହେର, ରେଣୁ ଅଗ୍ରୱାଲ, ମୁଗ୍ଧା ଦାଶ, ବାଳକୃଷ୍ଣ ମିଶ୍ର, ନବକୃଷ୍ଣ ମିଶ୍ର ଯୋଗଦାନ କରିଥିଲେ।

## ମାଣ୍ଡିଆ ଚାଷ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ପାଇକମାଳ,୨୧।୧(ବଡ଼ ଶତପଥୀ)**

ବରଗଡ ଜିଲା ପାଇକମାଳ ବ୍ଲକ ଅହିଂସା କ୍ଲବ ତରଫରୁ ମାଣ୍ଡିଆଡିପା ଗ୍ରାମରେ ଦୁଇ ଦିନିଆ ସଘନ ପଦ୍ଧତିରେ କିପରି ମାଣ୍ଡିଆ ଚାଷ କରାଯାଏ ସେ ବିଷୟରେ ତାଲିମ କାର୍ଯ୍ୟକ୍ରମ କରାଯାଇଥିଲା। ମଙ୍ଗଳବାର ଅପରାହ୍ନ ୨ଟାରେ ଏହା ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପାଇକମାଳ ବ୍ଲକ ସହ କୃଷୀ ଅଧିକାରୀ ନୂତନ କୁମାର ସୁରେନ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଶ୍ରୀ ଅନ୍ନ ଅଭିଯାନ ପାଇକମାଳ ବ୍ଲକ ସଂଯୋଜକ ଗୌର ଚରଣ ସାହୁ ପରିଚାଳନା କରିଥିବା ବେଳେ ରାକେଶ କୁମାର ପ୍ରଧାନ ସହଯୋଗ କରିଥିଲେ। ମାର୍ଯ୍ୟାର କେଶରୀ କୃଷକ ଉତ୍ପାଦକ କମ୍ପାନୀ ଲିର ସି.ଆର୍. ପି ବିଦ୍ୟା ଚରଣ ପିଞ୍ଜରା ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ।




# ରାୟପୁରରୁ ମୁଖ୍ୟ ଅଭିଯୁକ୍ତ ଗିରଫ

**ବରଗଡ଼,୨୧।୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଅନ୍ତର୍ଗତ ସରସରା ଗ୍ରାମରେ ଗତ ମେ ମାସରେ ସଂଘଟିତ ବିଶ୍ୱନାଥ ମିର୍ଦ୍ଧା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ସୋମବାର ସନ୍ଧ୍ୟା ୬ଟାରେ ଛତିଶଗଡ଼ ରାଜ୍ୟ ରାୟପୁରରୁ ଗିରଫ କରିଛି। ସେ ହେଲେ ସରସରା ଗ୍ରାମର ଅଶୋକ ମହାନନ୍ଦ(୨୯)। ମଙ୍ଗଳବାର ଅଭିଯୁକ୍ତ ଅଶୋକଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବରଗଡ଼ ଉପ କାରାଗାରକୁ ପଠାଇ ଦିଆଯାଇଛି। ତାଙ୍କ ବିରୋଧରେ ବରଗଡ଼ ସଦର ଥାନାରେ ଏକ ହତ୍ୟା ମାମଲା(ନଂ–୨୫୨/୨୪) ରୁଜୁ ହୋଇଛି ବୋଲି ବରଗଡ଼ ସଦର ଥାନା ପରିସରରେ ମଙ୍ଗଳବାର ଅପରାହ୍ନ ୩ଟାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପ୍ରହ୍ଲାଦ ସହାୟ ମୀନା ସୂଚନା ଦେଇଛନ୍ତି।



୨୦୨୪ ମେ ୨୦ତାରିଖ ପୂର୍ବାହ୍ନ ୧୧ଟାରେ ସରସରା ଗ୍ରାମରେ ମୁଖ୍ୟ ଅଭିଯୁକ୍ତ ଅଶୋକ ଏବଂ ଅନ୍ୟ ଅଭିଯୁକ୍ତ ମନୋଜ ଓରଫ ଦୁର୍ବାଦଳ ନାଗ(୩୭) ଉକ୍ତ ଗ୍ରାମର ବିଶ୍ୱନାଥ ମିର୍ଦ୍ଧା(୩୮)ଙ୍କୁ ଧାରୁଆ ଅସ୍ତ୍ରରେ ହତ୍ୟା କରିଥିଲେ। ଏହି ମାମଲାରେ ଗତ ମେ ୨୪ତାରିଖରେ ପୋଲିସ ମନୋଜଙ୍କୁ ଗିରଫ କରିଥିଲା। ଅନ୍ୟପଟେ ମୁଖ୍ୟ ଅଭିଯୁକ୍ତ ଅଶୋକ ଫେରାର୍ ହୋଇ ଯାଇଥିଲେ। ସେହିଦିନଠାରୁ ପୋଲିସ ତାଙ୍କୁ ଗିରଫ ପାଇଁ ଉଦ୍ୟମ ଜାରି ରଖିଥିଲା। ସେ ରାୟପୁରର ଏକ ଇସ୍ପାତ କମ୍ପାନୀରେ ଶ୍ରମିକଭାବେ କାର୍ଯ୍ୟ କରୁଥିବା ନେଇ ସୂଚନା ମିଳିଥିଲା। ସେହି ସୂଚନାକୁ ଆଧାର କରି ବରଗଡ଼ ସଦର ଥାନା ପୋଲିସର ଏକ ଟିମ୍ ସେଠାକୁ ପହଞ୍ଚି ଅଶୋକଙ୍କୁ ଗିରଫ କରିଥିଲେ।

ପ୍ରକାଶଥାଉକି, ଏହି ହତ୍ୟାକାଣ୍ଡ

### ମତଦାନ ଦିନ ସରସରାରେ ହତ୍ୟାକାଣ୍ଡ ଘଟଣା

ଦିନ ସରସରା ପ୍ରାଥମିକ ବିଦ୍ୟାଳୟର ଭୋଟ୍ ଗ୍ରହଣ କେନ୍ଦ୍ରରେ ଗତ ସାଧାରଣ ନିର୍ବାଚନର ମତଦାନ ଚାଲିଥିଲା। ମୃତ ବିଶ୍ୱନାଥ ଏକ ଅଟୋରେ ଭୋଟରଙ୍କୁ ଭୋଟ୍ ଗ୍ରହଣ କେନ୍ଦ୍ରକୁ ନେବା, ଆଣିବା କରୁଥିଲେ। ମତଦାନ ସମୟରେ ହତ୍ୟାକାଣ୍ଡ ଘଟିଥିବା ଯୋଗୁ ସେତେବେଳେ ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି ହୋଇଥିଲା। ଏପରିକି ଉତ୍ତରାଞ୍ଚଳ ଆରଡ଼ିସି ସେହି ସମୟରେ ଘଟଣାର ଅନୁଧ୍ୟାନ ପାଇଁ ପହଞ୍ଚି ଥିବାବେଳେ ରାଜ୍ୟ ନିର୍ବାଚନ କମିଶନ ମଧ୍ୟ ଉକ୍ତ ଘଟଣାକୁ ଗୁରୁତ୍ୱର ସହିତ ନେଇଥିଲେ। ସେତେବେଳେ ଜଣେ ଅବକାରୀ ଅଧିକାରୀଙ୍କୁ ନିଲମ୍ବିତ କରାଯାଇ ଥିବାବେଳେ ପୋଲିସ ଅଧିକାରୀଙ୍କ ତତ୍କାଳ ଅନ୍ୟଜିଲାକୁ ବଦଳି ହୋଇଥିଲା।

# ୧୨ଘଣ୍ଟିଆ ସୁନ୍ଦରଗଡ଼ ବନ୍ଦ ଆଜି

## ସୁନ୍ଦରଗଡ଼ ଝିଅଙ୍କ ସୁରକ୍ଷା ଓ ସ୍ୱାଭିମାନ ରକ୍ଷା ଦାବି

ସୁନ୍ଦରଗଡ଼,୨୧ା୧ (ଜୟନାରାୟଣ ମେଣ୍ଡୁଲି)

ତାଲିମ ନାଁରେ ତାମିଲନାଡୁ ପଠା ଯାଇଥିବା ସୁନ୍ଦରଗଡର ଝିଅମାନଙ୍କୁ ଫେରାଇ ଆଣିବାରେ ପ୍ରଶାସନର ବିଫଳତା ଓ ସୁନ୍ଦରଗଡ ଝିଅଙ୍କ ସୁରକ୍ଷା, ସ୍ୱାଭିମାନ ରକ୍ଷା ଦାବିରେ ବୁଧବାର ୧୨ଘଣ୍ଟିଆ ସୁନ୍ଦରଗଡ ବନ୍ଦ ଡାକରା ଦିଆଯାଇଛି। କୋଶଳ ସମାଜ ଓ ଲେଫ୍ରିପଡା ଅଭିଭାବକମାନଙ୍କ ପକ୍ଷରୁ ଏହି ବନ୍ଦ ଡାକରା ଦିଆଯାଇଛି ବୋଲି ମଙ୍ଗଳବାର ସନ୍ଧ୍ୟା ୭ଟାରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଅଭିଭାବକମାନଙ୍କ ଅଭିଯୋଗରୁ ପ୍ରକାଶ, ସୁନ୍ଦରଗଡ ଜିଲା ଲେଫ୍ରିପଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତରୁ ପ୍ରାୟ ୯୦ଜଣ ତଥା ସୁନ୍ଦରଗଡ ଜିଲାରୁ ଶହଶହ ଝିଅମାନଙ୍କୁ ତାଲିମ ନାଆଁରେ କଟକର ଏକ ସଂସ୍ଥାକୁ ୪୫ଦିନ ପାଇଁ ପଠାଯାଇଥିଲା। ପରେ ଏହି ସଂସ୍ଥା ଏହି ଝିଅମାନଙ୍କୁ ତାମିଲନାଡୁକୁ ନେଇ ଏକ ସିଲେଇ ସଂସ୍ଥାରେ କାମ ଦେଇଛନ୍ତି। ଏହି ଝିଅମାନଙ୍କୁ ଫେରାଇ ଅଣାଯିବା ପାଇଁ ଅଭିଭାବକମାନେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ, ହେଲେ ଆଜି ସୁଦ୍ଧା ଏହି ଝିଅମାନଙ୍କୁ ଫେରାଇ ଅଣାଯାଇ ନାହିଁ। ଏନେଇ କୋଶଳ ସମାଜ ନେତୃତ୍ୱରେ ଝିଅମାନଙ୍କର ଅଭିଭାବକମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୯ଦିନ ଧରି ଧାରଣାରେ ବସିଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ୨୨ତାରିଖ ବୁଧବାର ୧୨ଘଣ୍ଟିଆ ସୁନ୍ଦରଗଡ ବନ୍ଦ ପାଳନ ପାଇଁ ଡାକରା ଦେଇଛନ୍ତି। ଏହି ବନ୍ଦକୁ ସଫଳ କରିବା ପାଇଁ କୋଶଳ ସମାଜର ମହାସଚିବ ଦିଲୀପ କୁମାର ପଣ୍ଡା ଓ ତାମିଲନାଡୁ ପଠାଯାଇଥିବା ଝିଅମାନଙ୍କ ଅଭିଭାବକମାନଙ୍କ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଆହୁତ ଏକ ଖବରଦାତା ସମ୍ମିଳନୀରେ ନିବେଦନ କରାଯାଇଛି।


ସୁନ୍ଦରଗଡ଼ ବନ୍ଦ ପାଳନ ନେଇ ସୂଚନା ଦିଆଯାଉଛି।

## ସଂକ୍ଷେପରେ

### ଡିଆଇଜି, ଏସ୍‌ପିଙ୍କ ତଦନ୍ତ
#### ହାତଗୋଡ ବାନ୍ଧି ଲକ୍ଷାଧିକ ଟଙ୍କା, ସୁନାଗହଣା ଲୁଟ୍ ଘଟଣା

ହେମଗିର,୨୧ା୧(ଚୈତନ୍ୟ ପଟେଲ): ସୁନ୍ଦରଗଡ଼ ଜିଲା ହେମଗିର ଥାନା ବରପାଲିର ବ୍ୟବସାୟୀ ନିଖିଲ ଅଗ୍ରୱାଲଙ୍କ ଘରେ ପଶି ଗୋଡହାତ ବାନ୍ଧି ବନ୍ଧୁକ ଦେଖାଇ ଏକ କୋଟିରୁ ଉର୍ଦ୍ଧ୍ୱ ସୁନା ଅଳଙ୍କାର ଓ ନଗଦ ଟଙ୍କା ଡକାୟତି ହୋଇଥିଲା। ତେବେ ଏନେଇ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ଓ ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକର ମଙ୍ଗଳବାର ସନ୍ଧ୍ୟାରେ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି। ଏହି ମାମଲା ଏବେ ତଦନ୍ତ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି ବୋଲି ଡିଆଇଜି ରାୟ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ରବିବାର ରାତି ଗୋଟାଏରେ ବରପାଲିସ୍ଥିତ ନିଖିଲ ଅଗ୍ରୱାଲଙ୍କ ଘରେ ୬ ରୁ ୭ଜଣ ମୁଖା ପିନ୍ଧା ବ୍ୟକ୍ତି ଘରର ପଛ ପଟୁ ଏକ ରଶି ସାହାଯ୍ୟରେ ପଶି ବନ୍ଧୁକ ଦେଖାଇ ପରିବାରର ସମସ୍ତ ସଭ୍ୟଙ୍କୁ ରଶିରେ ବାନ୍ଧି ମାରପିଟ କରି ଲୁଟ କରିଛନ୍ତି। ଲୁଟେରାମାନେ ହିନ୍ଦୀରେ କଥାବାର୍ତ୍ତା କରୁଥିବାବେଳେ ରାଜ୍ୟ ତଥା ରାଜ୍ୟ ବାହାର ହୋଇଥାଇ ପାରନ୍ତି ବୋଲି ପୋଲିସ ଅନୁମାନ କରୁଛି ।

### ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା

ରାଜଗାଙ୍ଗପୁର, ୨୧ା୧(ଅଶୋକ ପାଣି): ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ପୌରାଞ୍ଚଳର ଭାଟାପଡାରେ ବେକରେ ଗାମୁଛା ସାହାର୍ଯ୍ୟରେ ଫାଶ ଲଗାଇ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଜିତେନ୍ଦ୍ର ଯାଦବ(୫୨)। ପୋଲିସ ଏ ସମ୍ବନ୍ଧରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମଙ୍ଗଳବାର ସକାଳ ୫ଟା ୪୫ରେ ଜିତେନ୍ଦ୍ର ଘରର ଏକ ଏଙ୍ଗଲରେ ଗାମୁଛା ସାହାର୍ଯ୍ୟରେ ଫାଶ ଲଗାଇ ଝୁଲି ରହିଥିବା ପରିବାର ଲୋକେ ଦେଖି ତାଙ୍କୁ ତୁରନ୍ତ ଓହ୍ଲାଇ ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ନେଇଥିଲେ। ହେଲେ ଡାକ୍ତର ମୃତ ଘୋଷିତ କରିଥିଲେ।

### କ୍ଷତିପୂରଣ ପ୍ରଦାନ ପରେ ହଟିଲା ରାସ୍ତାରୋକୋ

ହେମଗିର, ୨୧ା୧(ଚୈତନ୍ୟ ପଟେଲ): ସୁନ୍ଦରଗଡ଼ ଜିଲା ହେମଗିର ଥାନା ବାଙ୍କିବାହାଲ ଟପରିଆ ରାସ୍ତା ନାକଚିଦେଉଳ ନିକଟସ୍ଥ ଡିବିଏଲ କମ୍ପାନୀ ସମ୍ମୁଖର ଦୁର୍ଘଟଣା ପରେ ଚାଲିଥିବା ରାସ୍ତାରୋକୋ ମଙ୍ଗଳବାର ଅପରାହ୍ନ ୨ଟାରେ ପ୍ରତ୍ୟାହାର ହୋଇଛି। ସୋମବାର ସନ୍ଧ୍ୟାରେ କମ୍ପାନୀ ସମ୍ମୁଖରେ ଟ୍ରଲର ଓ ବାଇକ ମଧ୍ୟରେ ଧକ୍କା ହୋଇଥିଲା। ଫଳରେ ବାଇକ୍‌ରେ ଥିବା ଛତିଶଗଡ ରାଜ୍ୟର ୨ଜଣ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ଯାହାକୁ ନେଇ ସ୍ଥାନୀୟ ଲୋକ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିବା ସହିତ କୋଇଲା ପରିବହନକୁ ବନ୍ଦ କରିଥିଲେ। କ୍ଷତିପୂରଣ ବାବଦକୁ ଜଣକ ପିଛା ୨ଲକ୍ଷ ୧୫ହଜାର ଟଙ୍କା ପ୍ରଦାନ କରିବା ପରେ ଲୋକେ ରାସ୍ତାରୋକୋରୁ ଓହରି ଥିଲେ ।

### ଟାଙ୍ଗିଆ ଚୋଟରେ ଜଣେ ମୃତ, ୨ ଗୁରୁତର
#### ଶୋଇଥିବା ଅବସ୍ଥାରେ ଆକ୍ରମଣ

ପଦ୍ମପୁର,୨୧ା୧(ପ୍ରଦୀପ୍ତ ଦାସ): ବରଗଡ଼ ଜିଲା ରାଜବୋଡ଼ାସମ୍ବର ବ୍ଲକ କନସିଂହା ପଞ୍ଚାୟତ ଅନ୍ତର୍ଗତ ବଇଦପାଲି ଗ୍ରାମରେ ସୋମବାର ଏକ ହତ୍ୟାକାଣ୍ଡ ଘଟିଛି। ଘରେ ଶୋଇଥିବା ସମୟରେ ଟାଙ୍ଗିଆରେ ଆକ୍ରମଣ କରାଯିବାରୁ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଖଗେଶ୍ୱର ବରିହା। ଏହି ଘଟଣାରେ ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ସୂଚନା ଅନୁସାରେ, ସୋମବାର ରାତିରେ ବଇଦ ପାଲିର ଈଶ୍ୱର ନେଟୀଙ୍କ ଘରେ ଈଶ୍ୱରଙ୍କ ସମେତ ଉମାଶଙ୍କର ଧରୁଆ, ଖଗେଶ୍ୱର ବରିହା, ସାନନ୍ଦ ଜଗତ ଏକାଠି ଶୋଇଥିଲେ। ରାତିରେ କୌଣସି କାରଣରୁ ସେମାନଙ୍କ ମଧ୍ୟରୁ ଜଣେ ଅନ୍ୟ ତିନି ଜଣଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଗୁରୁତର ଆହତମାନଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ପ୍ରଥମେ ପଦ୍ମପୁର ତାପରେ ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଖଗେଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ଦୁଇଜଣ ଆହତ ବୁର୍ଲା ଡାକ୍ତରଖାନାରେ ଜୀବନ ମରଣ ସହ ଲଢୁଛନ୍ତି । ଈଶ୍ୱର ନେଟୀଙ୍କ ସ୍ତ୍ରୀଙ୍କ ଲିଖିତ ଏତଲାକୁ ଆଧାର କରି ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

# ସାବାସ ଯୋଜନାରେ ୧୧ ଆର୍‌ଏସ୍‌ପି କର୍ମଚାରୀ ପୁରସ୍କୃତ



ଆର୍‌ଏସ୍‌ପି କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଉଛି।

ରାଉରକେଲା,୨୧ା୧(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କ ସମ୍ମିଳନୀ କକ୍ଷରେ ଗତ ୧୫ ତାରିଖରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ୧୧ଜଣ କର୍ମଚାରୀଙ୍କୁ ସେଲ୍ ସାବାସ ଯୋଜନା ଅଧୀନରେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ଅଧ୍ୟକ୍ଷତା କରି କର୍ମଚାରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଏଚ୍‌ଏସ୍‌ଏମ୍ ଓ ଆନୁଷଙ୍ଗିକ ବିଭାଗର ସିଜିଏମ୍ ସୁବ୍ରତ କୁମାର, ଡିଜାଇନ ଏଣ୍ଡ ଶପ୍ ବିଭାଗର ସିଜିଏମ ରବି ରଞ୍ଜନ, ଏସ୍‌ଏମ୍‌ଏସ୍-୨ ବିଭାଗର ସିଜିଏମ୍ ଟି. ପି. ଶିବଶଙ୍କରଙ୍କ ସମେତ କାରଖାନାର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହିଥିଲେ। ଏହି ପରିପ୍ରେକ୍ଷୀରେ ପଲାଇ କର୍ମଚାରୀମାନଙ୍କ ଅଦମ୍ୟ ପ୍ରୟାସର ପ୍ରଶଂସା କରିଥିଲେ। କର୍ମଚାରୀଙ୍କୁ ଆର୍ ଏଣ୍ଡ ସି ଲାବ୍ରୋଟୋରି, ହଟ୍ ଷ୍ଟ୍ରିପ୍ ମିଲ-୨ (ଏଚଏସଏମ-୨), ମେକାନିକାଲ ଶପ୍ ଓ ଡିଜାଇନ ବିଭାଗରେ ସେମାନଙ୍କ ଉଦାହରଣୀୟ ଅବଦାନ ପାଇଁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସଚିବାଳୟର ଏଜିଏମ୍ ଆର୍. ଅଗ୍ରୱାଲ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଆଇନ ସଚେତନତା ଶିବିର

ସୁନ୍ଦରଗଡ଼,୨୧ା୧(ଜୟନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ବିକଳ୍ପ ସମାଧାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ଦୌରାଜଜ୍ ତଥା ଆଇନସେବା ପ୍ରାଧୀକରଣର ଅଧ୍ୟକ୍ଷ ଶିଖାରାଣୀ ରଥଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଆଇନସେବା ପ୍ରାଧିକରଣ ତରଫରୁ ଆୟୋଜିତ ଏହି ସଚେତନତା ଶିବିରରେ କିନ୍ନରମାନଙ୍କ ଅଧିକାର, ଶ୍ରମିକ, ଦିନ ମଜୁରିଆ ଏବଂ ସାଧାରଣ ବିପର୍ଯ୍ୟୟ, ଜାତିଗତ ହିଂସା, ବନ୍ୟା, ମରୁଡ଼ି ଆଦିର ଶିକାର ହୋଇଥିବା ବ୍ୟକ୍ତି ଓ ଚାଲାଣର ଶିକାର ହୋଇଥିବା ବ୍ୟକ୍ତିଙ୍କ ପାଇଁ ରହିଥିବା ଆଇନଗତ ସୁବିଧା ସମ୍ପର୍କରେ ସଚେତନ କରାଯାଇଥିଲା। ଏଥିରେ ସ୍ଥାୟୀ ଲୋକ ଅଦାଲତ(ଜନ ଉପଯୋଗୀ ସେବା)ର ଅଧ୍ୟକ୍ଷ ଡ. ରାଧାକାନ୍ତ ମିଶ୍ର, ଅତିରିକ୍ତ ଜିଲା ଓ ଦୌରାଜଜ୍ (ଭିଜିଲାନ୍ସ)ସସ୍ମିତା ପାର୍ହି, ଅତିରିକ୍ତ ଜିଲା ଓ ଦୌରାଜଜ୍ (ପୋକସୋ) ଜ୍ଞାନରଞ୍ଜନ ପଟ୍ଟନାୟକ, ଅତିରିକ୍ତ ଜିଲା ଓ ଦୌରାଜଜ୍ ଚିନ୍ମୟ ଗଛାୟତ, ସିନିୟର ସିଭିଲ ଜଜ୍ ସଞ୍ଜୟ କୁମାର ଶୁଭବ୍ରତ ଆଚାର୍ଯ୍ୟ, ବରିଷ୍ଠ ଦେୱାନୀ ବିଚାରପତି(ମହିଳା ନ୍ୟାୟାଳୟ)ଶ୍ରଦ୍ଧା ମାଣ୍ଡୋଦିଆ, ଜିଲା ଆଇନସେବା ପ୍ରାଧୀକରଣର ସଚିବ ଡ. ରିନତୀ ମିଶ୍ର, ଜେଏମ୍‌ଏଫସି(ଗ୍ରାମାଞ୍ଚଳ)ପ୍ରତିଭା ଦାଶ, ନ୍ୟାୟ ରକ୍ଷକ ଅଞ୍ଜନା ସାହୁ, ଅନିଶା ପୁଷ୍ଟି, ସମାଜସେବୀ ସ୍ନେହଲତା ପଟେଲ, ଡିଏସପି ଅମୃତା ନନ୍ଦିନୀ ମହାନ୍ତି, ଡିଏସ୍‌ପି ଚିନ୍ମୟ ମହାନନ୍ଦ, ଡିଏସଏସଓ ଅମ୍ବିକା ନାଏକ, ଜିଲା ପ୍ରୋଗ୍ରାମ ଅଫିସର ସୁଶୀଳା ରଥ, ଅଧିକାର ମିତ୍ର ସୁଦର୍ଶନ ତାଜନ, ଗୀତାଞ୍ଜଳୀ କିଷାନଙ୍କ ସମେତ ଆଇନସେବା ପ୍ରାଧୀକରଣର ସମସ୍ତ ସଦସ୍ୟ, ଜିଲା ଓକିଲ ସଂଘର ସମସ୍ତ ସଦସ୍ୟ ତଥା ଅନ୍ୟମାନେ ଉପସ୍ଥିତ ଥିଲେ। ଏଥିସହିତ ଜିଲାରେ ବସବାସ କରୁଥିବା କିନ୍ନରମାନେ ଉପସ୍ଥିତ ଥିଲେ। ଅତିଥିମାନେ ବିଷୟଭିତ୍ତିକ ସମସ୍ତ ଆଇନ ସମ୍ପର୍କରେ ଆଲୋଚନା କରିବା ସହିତ ରହିଥିବା ସୁଯୋଗ ତଥା କିନ୍ନରମାନଙ୍କୁ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯିବ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ।



ଆଇନ ସଚେତନତା ଶିବିରରେ ଉପସ୍ଥିତ ଜଜ୍।

## ବେଆଇନ କଫ ସିରପ୍ ରଖିବା ଅଭିଯୋଗରେ ୫ ଗିରଫ

ଖପ୍ରାଖୋଲ,୨୧ା୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ବେଆଇନ କଫ ସିରପ୍ ରଖିବା ଅଭିଯୋଗରେ ୫ ଜଣ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଯୁବକମାନେ ହେଲେ ଧଣ୍ଡାମୁଣ୍ଡା ଗାଁର ସତ୍ୟପ୍ରିୟ ପଟେଲ ଓରଫ କାଳିଆ (୪୩), ମନୋରଞ୍ଜନ ପଧାନ(୨୯), ବାଲଗୋପାଲ ଥନାପତି (୩୪), ଫାଲଗୁନୀ ଥନାପତି ଓରଫ ମୁନା (୩୫) ଓ ବାଙ୍ଗିପାଲି ଗାଁର ଏମ.ଡି. ଅନିସ (୪୩)। ଅଭିଯୁକ୍ତଙ୍କ ଠାରୁ ୧୦ ବୋତଲ କଫ ସିରଫ , ନିଶା ବଟିକା ଓ ୨ ଟି ମୋଟର ସାଇକେଲ ଜବତ ହୋଇଛି। ପ୍ରକାଶ ଯେ, ପୋଲିସ ସୋମବାର ରାତିରେ ପାଟ୍ରୋଲିଂ କଲା ବେଳେ ଧଣ୍ଡାମୁଣ୍ଡା ଗାଁ ନିକଟରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲେ। ଏନେଇ ଖପ୍ରାଖୋଲ ଥାନା ନଂ ୨୨/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି।

## ବିକାଶ ପରିଷଦ ତରଫରୁ ଦାବିପତ୍ର ପ୍ରଦାନ
### କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା

କଣ୍ଟାବାଞ୍ଜି,୨୧ା୧( ଗୁରୁ ଦୟାଲ ହଂସ)

କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅବ୍ୟବସ୍ଥା ନେଇ ସ୍ଥାନୀୟ କଣ୍ଟାବାଞ୍ଜି ବିକାଶ ପରିଷଦ ପକ୍ଷରୁ ମଙ୍ଗଳବାର ଏକ ୮ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ଏହି ଦାବିପତ୍ର ସ୍ଥାନୀୟ ମେଡିକାଲ ସୁପରିଟେଣ୍ଡେଣ୍ଟ ଡା.ରାକେଶ ପଣ୍ଡିତଙ୍କ ଜରିଆରେ ଦିଆଯାଇଛି । ଏହି ଅବସରରେ ଏକ ପ୍ରତିବାଦ ସଭା ହୋଇଥିଲା । ବିଜେଡି ବରିଷ୍ଠ ସଭ୍ୟ ଅଜୟ ଦାଶଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସଭାରେ ରାଜେନ୍ଦ୍ର ବେହେରା, ବିକାଶ ବେହେରା, ଦେବରାଜ ଯାଦବ, ପ୍ରଫୁଲ୍ଲ ନାୟକ ସହ ଅନ୍ୟମାନେ ଯୋଗ ଦେଇଥିଲେ ।

# ଧାନ ବିକ୍ରି କରି ପ୍ରାପ୍ୟ ପାଇଲେନି ଚାଷୀ
## ଥାନାରେ ଅଭିଯୋଗ

ବଡ଼ଗାଁ, ୨୧ା୧(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ସିଆଁମାଲ ଗ୍ରାମର ଗୋକୁଳ ଖୁଣ୍ଟିଆ ପେଟଫୋଡ଼ ଗ୍ରାମରେ ଧାନ କ୍ରୟ କରିବାକୁ ଅନୁମତି ପାଇଥିବା ଶାନ୍ତି ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ଗତ ୧୦ ତାରିଖରେ ଧାନ ବିକ୍ରୀ କରିଥିଲେ। କିନ୍ତୁ ଦୁଇ ସପ୍ତାହ ବିତି ଯାଇଥିଲେ ମଧ୍ୟ ଧାନ ବିକ୍ରି ବାବଦ ଅର୍ଥ ନ ଦେବାରୁ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଏ ବିଷୟରେ ସେ ବଡ଼ଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଚାଷୀ ଗୋକୁଳ ଖୁଣ୍ଟିଆଙ୍କ ଅଭିଯୋଗ ଅନୁଯାୟୀ ସେ ଶାନ୍ତି ସ୍ୱୟଂସହାୟକ ଗୋଷ୍ଠୀ ଠାରେ ଧାନ ବିକ୍ରୀ କରିବାକୁ ପଞ୍ଜିକରଣ କରିଥିଲେ। ଚଳିତ ମାସ ୪ ଓ ୮ ତାରିଖ ଦୁଇଟି ପର୍ଯ୍ୟାୟରେ ସେ ୩୨ କୁଇଣ୍ଟାଲ ୬୩ କେଜି ଧାନ ବିକ୍ରୀ କରିଥିଲେ। ତେବେ ୧୦ ତାରିଖ ରେ ଭେଣ୍ଡର ପ୍ରଦାନ ସମୟରେ କ୍ରୟ ଦାୟିତ୍ୱରେ ଥିବା ସଞ୍ଜୟ ବେହେରା ୨୮ କୁଇଣ୍ଟାଲ ୭୭ କେଜି ଧାନ ବିକ୍ରୀ କରିଛନ୍ତି, ୩୨ କୁଇଣ୍ଟଲ ଦେଇନାହିଁ ବୋଲି କହିବା ସହ ରସିଦ ପ୍ରଦାନ କରିଥିଲେ। ତାଙ୍କ ଧାନ କ୍ରୟ ମୂଲ୍ୟ ଅତିଶୀଘ୍ର ପ୍ରଦାନ କରା ନ ଗଲେ ଚରମ ପଦକ୍ଷେପ ନେବାକୁ ବାଧହେବେ ବୋଲି ଅଭିଯୋଗପତ୍ରରେ ଦର୍ଶାଇ ଚେତାବନୀ ଦେଇଛନ୍ତି। ଏହା ଉପରେ ସମବାୟ ନିରୀକ୍ଷଣ ଅଧିକାରୀ ଅସିତ ସାହୁଙ୍କୁ ପଚରାଯିବାରେ ପାସବୁକ ଖାତା ନମ୍ବରରେ ତ୍ରୁଟି ଯୋଗୁଁ ସମସ୍ୟା ହୋଇଥିବା କହିବା ସହ ଶୀଘ୍ର ସମାଧାନ ହେବ କହିଛନ୍ତି।

# ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଦ୍ୱାରା ୫ ଲକ୍ଷ ଟଙ୍କା ବୀମା ରାଶି ପ୍ରଦାନ


ବୀମା ରାଶି ପ୍ରଦାନ କରାଯାଉଛି।

ସୁନ୍ଦରଗଡ଼,୨୧ା୧(ଜୟନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା ଭେଡ଼ାବାହାଲ ଲ୍ୟାମ୍ପରୁ ଋଣ ନେଇଥିବା ବିରଜା ସ୍ୱୟଂ ସହାୟିକା ଗୋଷ୍ଠୀ କଇଁସରାର ସଭ୍ୟା ସରସତୀ ଷଣ୍ଢ ସାପ କାମୁଡାରେ ମୃତ୍ୟୁବରଣ କରିଥିଲେ। ଏଣୁ ଇଫକୋ ଟୋକିୟୋ ବୀମା କମ୍ପାନୀ ତରଫରୁ ମଙ୍ଗଳବାର ପୂର୍ବାହ୍ନରେ ୫ ଲକ୍ଷ ଟଙ୍କା ବୀମା ରାଶି ଭେଡ଼ାବହାଲ ଲ୍ୟାମ୍ପସରେ ତାଙ୍କ ସ୍ୱାମୀ ସୁମନ୍ତ ଷଣ୍ଢଙ୍କୁ ପ୍ରଦାନ କରାଯାଇଛ। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଯୋଗଦେଇ ମାତ୍ର ୮୨ ଟଙ୍କାର ପ୍ରିମିୟମ ବଦଳରେ ୫ ଲକ୍ଷ ଟଙ୍କାର ଦୁର୍ଘଟଣାଜନିତ ବୀମା ରାଶି ମିଳିବା ନେଇ ସଚେତନ ହେବା ପାଇଁ ଉପସ୍ଥିତ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା, ଚାଷୀଙ୍କୁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ରନାଥ କଲୁଣ୍ଡିଆ, ଲ୍ୟାମ୍ପସ ତଥା ବ୍ୟାଙ୍କ ନିର୍ଦ୍ଦେଶକ ପଞ୍ଚା ବାର୍ଲା, ବସଷ୍ଟାଣ୍ଡ ଶାଖା ପରିଚାଳିକା କନକ ପଟେଲ, ଲ୍ୟାମ୍ପ ନିର୍ଦ୍ଦେଶକ ରଜନୀକାନ୍ତ ନାଏକ, ମାଧବ ଚନ୍ଦ୍ର ସା ପ୍ରମୁଖ ଉପସ୍ଥିତ ଥିଲେ। ଭେଡ଼ାବହାଲ ଲ୍ୟମ୍ପସ ଏମ୍‌ଡି ରୋହିତ ମହାନନ୍ଦିଆ ତଥା ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

# ଚିନାବାଦାମ ଫସଲ ବୀମାରାଶି ମିଳିଲା ନାହିଁ
## ଜିଲା ପ୍ରଶାସନର ଦ୍ୱାରସ୍ଥ ହେଲେ ଚାଷୀ

ସୁନ୍ଦରଗଡ଼,୨୧ା୧(ଜୟନାରାୟଣ ମେଣ୍ଡୁଲି)

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନ୍ତର୍ଗତ ଚିନାବାଦାମ ଫସଲରେ ହୋଇଥିବା କ୍ଷତି ପାଇଁ ବୀମାରାଶି ନ ମିଳିବା ନେଇ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ସଦର ବ୍ଲକର ବିଭିନ୍ନ ଗ୍ରାମର ଚାଷୀମାନେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଚାଷୀମାନେ ଜିଲାପାଳଙ୍କୁ ପ୍ରଦାନ କରିଥିବା ଏହି ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ସେମାନେ ଧାନ, ମକା, ଚିନାବାଦାମ ଆଦିର ଫସଲ ବୀମା କରିଥିଲେ। କିନ୍ତୁ ରୋଗ ପୋକ ଲାଗି ଚିନାବାଦାମ ଚାଷର ଆୟ ଠିକ ଭାବେ ହୋଇପାରି ନ ଥିଲା। ତେଣୁ ଏସବିଆଇ ଇନସ୍ୟୁରାନ୍ସ କମ୍ପାନୀ ଏବଂ ସରକାରଙ୍କ ଦ୍ୱାରା ଏହି ଯୋଜନାର ଗାଇଡ଼ ଲାଇନ ଅନୁସାରେ ବ୍ଲକରେ ୧୬ଟି ଚିନାବାଦାମ କ୍ରପ କଟିଙ୍ଗ କରି କ୍ଷତି ନିରୂପଣ କରାଯାଇଥିଲା। ଜିଲାସ୍ତରରେ ଏହି କ୍ଷେତ୍ର ତଥ୍ୟକୁ ମଞ୍ଜୁର କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କ୍ଷତି ପୂରଣ ନିମନ୍ତେ ବୀମାରାଶିର ଆବଣ୍ଟନ କରାଯାଇ ନାହିଁ। ଚାଷୀମାନେ ବାରମ୍ବାର କୃଷି ବିଭାଗ ଓ ଏସ୍‌ବିଆଇ ଇନସ୍ୟୁରାନ୍ସ କମ୍ପାନୀର ହେଲପ ଲାଇନ ନମ୍ବରରେ ଉପରୋକ୍ତ ସମସ୍ୟା ଜଣାଇଲେ ମଧ୍ୟ ଆଉ ୧୦ ଦିନ କହି ଦିନ ଗଡାଇ ଚାଲିଛନ୍ତି। ଫଳରେ ଚାଷୀମାନେ ଗତବର୍ଷର କ୍ଷତି ପୂରଣ ନ ପାଇବାରୁ ଚଳିତ ବର୍ଷ ଅନ୍ୟ ଚାଷ ପାଇଁ ଅର୍ଥର ଅଭାବ ଦେଖାଯାଉଛି। ଏ ଦିଗରେ ଜିଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର କ୍ଷତିପୂରଣ ରାଶି ମିଳିବା ଦିଗରେ ପଦକ୍ଷେପ ଗ୍ରହଣ ସକାଶେ ଚାଷୀମାନେ ଦାବି କରିଛନ୍ତି।

## ଗ୍ରାମାଞ୍ଚଳ ଲୋକଙ୍କୁ ସ୍ୱାସ୍ଥ୍ୟ ଶିବିର ଜରିଆରେ ମାଗଣା ଚିକିତ୍ସା ସେବା

କୁଆଁରମୁଣ୍ଡା,୨୧ା୧(ମହେନ୍ଦ୍ର କୁମାର ସାହୁ)

ଆଦିବାସୀ ବହୁଳ ସୁନ୍ଦରଗଡ଼ ଜିଲାର ଉପାନ୍ତ ଅଞ୍ଚଳରେ ବସବାସ କରୁଥିବା ଗରିବ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ଶିବିର ଜରିଆରେ ଚିକିତ୍ସା ସେବା ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା କରାଯାଉଥିବାରୁ ସାଧାରଣ ଲୋକେ ବେଶ ଉପକୃତ ହୋଇପାରୁଛନ୍ତି। ବିଭିନ୍ନ ସଂସ୍ଥା, ସଙ୍ଗଠନ, ହସ୍‌ପିଟାଲ ଏହି ସ୍ୱାସ୍ଥ୍ୟ ଶିବିର ଆୟୋଜନ କରୁଛନ୍ତି। ଏହି କ୍ରମରେ ରାଉରକେଲା ସୁପର ସ୍ପେଶିଆଲିଟି ହସ୍ପିଟାଲକୁ ଆପୋଲୋ ହସ୍ପିଟାଲ ନିଜ ଅଧିନକୁ ନେବା ପରେ ଏଠାରେ ମଧ୍ୟ ହୃତପିଣ୍ଡ, ମସ୍ତିଷ୍କ, ବୃକକ ଇତ୍ୟାଦିର ଜଟିଳ ଅସ୍ତ୍ରୋପଚାର ସଫଳତାର ସହିତ କରାଯାଇପାରୁଛି। ଅନୁରୂପଭାବେ ସାଧାରଣ ଲୋକଙ୍କ ପାଇଁ ପ୍ରତିମାସରେ ୨ ରୁ ଅଧିକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରି ଆପୋଲୋ ହସ୍ପିଟାଲର ଅଭିଜ୍ଞ ଡାକ୍ତରମାନେ ସାଧାରଣ ଲୋକଙ୍କର ଚିକିତ୍ସା କରିବା ସହ ଦୁରାରୋଗ୍ୟ ରୋଗର ଚିକିତ୍ସା ସେବା ପାଇଁ ପରାମର୍ଶ ଦେଉଛନ୍ତି। ଗତ ଡ଼ିସେମ୍ବର ୧୪ରେ କୁଆଁରମୁଣ୍ଡା ଲୋକନାଥ ମନ୍ଦିରରେ ଉକ୍ତ ଚିକିତ୍ସାଳୟ ପକ୍ଷରୁ ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ କୁଆଁରମୁଣ୍ଡା ଅଞ୍ଚଳର ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଇଥିଲା। ଏ ନେଇ ମଙ୍ଗଳବାର ଅପରାହ୍ନରେ ରାଉରକେଲା ଆପୋଲୋ ହସ୍ପିଟାଲର ହୃଦରୋଗ ବିଶେଷଜ୍ଞ ଡ଼ା ଆଶିଷ ହୋତାଙ୍କ ସହ ସାକ୍ଷାତ ଆଲୋଚନା ବେଳେ ସେ କୁହନ୍ତି, ଅଭିଜ୍ଞ ଡାକ୍ତରମାନେ ହାର୍ଟ, ବ୍ରେନ,ବୃକକ ଇତ୍ୟାଦିର ଜଟିଳ ଅସ୍ତ୍ରୋପଚାର ସଫଳତାର ସହ କରୁଛନ୍ତି। ଏହାର ଉଦାହରଣ ହେଉଛି ଗତ ଜାନୁଆରୀ ୬ରେ ରାଉରକେଲାରେ ହକି ୱାର୍ଲ୍ଡ କପ ଚାଲିଥିଲାବେଳେ ଜଣେ ସୁନାମଧନ୍ୟ ହକି କୋଚ ଅର୍ଜୁନ ପୁରସ୍କାର ବିଜେତାଙ୍କୁ ସଫଳତାର ସହ ଚିକିତ୍ସା କରାଯାଇଥିଲା। ତାଙ୍କର ହାର୍ଟ ପ୍ରାୟ ୧୫ ମିନିଟରୁ ଉର୍ଦ୍ଧ୍ୱ ଅଚଳ ହୋଇଯାଇଥିଲା। ଏତେ ସମୟ ଧରି ଅଚଳ ହୋଇଯାଇଥିବା ହାର୍ଟକୁ ସଫଳତାର ସହ କାର୍ଯ୍ୟକ୍ଷମ କରିବା ଆମ ପାଇଁ ନିଶ୍ଚିତଭାବେ ଗୌରବର ଘଟଣା ବୋଲି ହୃଦରୋଗ ବିଶେଷଜ୍ଞ ଡ଼ା ହୋତା କହିଛନ୍ତି। କେବଳ ଏହି ଘଟଣା ନୁହେଁ ଅନେକ ହାର୍ଟ ରୋଗୀଙ୍କର ଆମେ ସଫଳ ଚିକିତ୍ସା କରିଛୁ ଯେଉଁମାନେ କି ଏବେ ସୁସ୍ଥଭାବେ ବଞ୍ଚିଛନ୍ତି।

# ରେଳ ଜିଏମ୍‌ଙ୍କୁ ଭେଟିଲେ ଗ୍ରାମବାସୀ
## ନେପାଳୀ ବସ୍ତି ରେଳ ନିର୍ମାଣ କାର୍ଯ୍ୟକୁ କେନ୍ଦ୍ରକରି ବିବାଦ

ବନ୍ଧମୁଣ୍ଡା, ୨୧ା୧(ସୁବ୍ରତ ଦେ)

କିଛି ଦିନ ନୀରବ ରହିବା ପରେ ରାଉରକେଲା ବନ୍ଧମୁଣ୍ଡାର ବି-ସେକ୍ଟର ସ୍ଥିତ ନେପାଳୀ ବସ୍ତିରେ ସ୍ଥାନୀୟ ଆଦିବାସୀ ଏବଂ ରେଳ ପ୍ରଶାସନ ମଧ୍ୟରେ ପୁଣିଥରେ ଜମି ବିବାଦ ଦେଖାଦେଇଛି। ଗତ ତିନି-ଚାରି ଦିନ ଧରି ନେପାଳୀ ବସ୍ତିରେ ରେଳ ପ୍ରଶାସନ ଦ୍ୱାରା ପୁଣିଥରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଏ ସମ୍ପର୍କରେ ସୂଚନା ପାଇବା ମାତ୍ରେ ସ୍ଥାନୀୟ ଆଦିବାସୀ ଗ୍ରାମବାସୀ ଏକତ୍ରିତ ହୋଇ ସୋମବାର କାର୍ଯ୍ୟ ସ୍ଥଳରେ ପହଞ୍ଚି ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ କହିଥିଲେ। ମାତ୍ର ନିର୍ମାଣ କାର୍ଯ୍ୟ ବନ୍ଦ ନ ହେବା ଯୋଗୁ ମଙ୍ଗଳବାର ପୂର୍ବାହ୍ନରେ ଗ୍ରାମବାସୀ ଡୁମେରତା ରେଳବାଇ ଷ୍ଟେଶନ ଯାଇ ଦକ୍ଷିଣ ପୂର୍ବ ରେଳବାଇ ଜିଏମ (ଜେନେରାଲ ମ୍ୟାନେଜର) ଅନିଲ କୁମାର ମିଶ୍ରାଙ୍କୁ ଭେଟ କରିଥିଲେ। ଗ୍ରାମବାସୀ ରେଳ ଜିଏମଙ୍କୁ କହିଥିଲେ, ଯେଉଁ ଜମିରେ ନିର୍ମାଣ କାର୍ଯ୍ୟ ଚାଲିଛି ତାହା ଗ୍ରାମବାସୀଙ୍କ ଅଟେ। ଏହି ଜମିକୁ ନେଇ ରେଳବାଇ ଏବଂ ଗ୍ରାମବାସୀ ପରସ୍ପର ଉପରେ କୋର୍ଟରେ ମାମଲା ରୁଜୁ କରିଛି। ହେଲେ ଯେତେଯାଏ କୋର୍ଟ ତରଫରୁ କୌଣସି ବିଚାର ନ ଆସିଛି, ସେତେ ଯାଏ ନିର୍ମାଣ କାର୍ଯ୍ୟକୁ ବନ୍ଦ ରଖିବା ପାଇଁ ଗ୍ରାମବାସୀ ରେଳ ଜିଏମଙ୍କୁ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ମଧ୍ୟ ନେପାଳୀ ବସ୍ତିରେ ରେଳ ପ୍ରଶାସନ ସେହି ଜମିରେ ବାସ କରୁଥିବା ଲୋକଙ୍କ ଘର ଭାଙ୍ଗି ସେହି ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲା। କିନ୍ତୁ ଆଦିବାସୀ ଗ୍ରାମବାସୀ ରେଳବାଇ ବିରୋଧରେ କୋର୍ଟ ମାମଲା ଦାୟର କରିବା ପରେ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇ ଯାଇଥିଲା। ନିର୍ମାଣ କାର୍ଯ୍ୟସ୍ଥଳରେ ଜିଲା ପ୍ରଶାସନ ଦ୍ୱାରା ୨୦୨୩ ଅଗଷ୍ଟ ୨୧ରେ ନାଲି ପତାକା ଲଗାଇ ଦିଆଯାଇଥିଲା।


ନେପାଳୀ ବସ୍ତିବାସୀ ରେଳ ଜିଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### କୌଶଳ ବିକାଶ କେନ୍ଦ୍ରରେ 'ଷ୍ଟିଚର' ତାଲିମ ଶୁଭାରମ୍ଭ

ଦେବଗଡ଼,୨୧।୧(ଶଶାଙ୍କ ଶେଖର ଝାଙ୍କର)

ଭାରତ ସରକାରଙ୍କ ଅଧୀନସ୍ଥ ଦେବଗଡ଼ କୌଶଳ ବିକାଶ କେନ୍ଦ୍ରରେ ମଙ୍ଗଳବାରଠାରୁ 'ଷ୍ଟିଚର' ବ୍ୟାଚ୍‌ର ତାଲିମ ଶୁଭାରମ୍ଭ ହୋଇଯାଇଛି। କୌଶଳ ବିକାଶ କେନ୍ଦ୍ର ପରିଚାଳକ ସୁଦିପ୍ତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ଓରମାସ ଡେପୁଟି ସିଇଓ ରବିନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଘରେ ବେକାର ବସିଥିବା ଯୁବତୀ ଯୁବକ ଏହି ତାଲିମ ନେବା ଦ୍ୱାରା ନିଜେ ସ୍ୱାବଲମ୍ବୀ ହେବା ସହିତ ବିଭିନ୍ନ ସ୍ଥାନରେ ନିଯୁକ୍ତି ମଧ୍ୟ ପାଇପାରିବେ। ୪୦ ଦିନ ଧରି ଏହି ତାଲିମ ପ୍ରଦାନ କରାଯିବା ସହିତ ତାଲିମ ନେଇଥିବା ସମସ୍ତ ଯୁବକ ଯୁବକଙ୍କୁ ପ୍ରମାଣପତ୍ର ମଧ୍ୟ ଦେବାର ବ୍ୟବସ୍ଥା ରହିଛି। ଏହାର ଶୁଭାରମ୍ଭ ହୋଇଥିବା ବେଳେ କୌଶଳ ବିକାଶ କେନ୍ଦ୍ର ତରଫରୁ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇ ଜନସାଧାରଣଙ୍କୁ ଶିକ୍ଷାର ଗୁରୁତ୍ୱ ଉପରେ ସଚେତନ କରାଯାଇଥିଲା। କୌଶଳ ବିକାଶ କେନ୍ଦ୍ରର ବିଜୟ ସେଠୀ, ସୁନିଲ ପାଣି, ବିଜୟ ମହାକୁଳ ଏବଂ ପ୍ରିୟଙ୍କା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଜାତୀୟ ସଂକ୍ରମଣ ହେପାଟାଇଟିସ ନିୟନ୍ତ୍ରଣ କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୨୧।୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଏମ୍‌ସିଏଲ୍ ବନ୍ଧବାହାଲ ମା' ସମଲେଶ୍ୱରୀ ଟ୍ରକ୍ ମାଲିକ ସଂଘ ସହଯୋଗରେ ସଂଘ କାର୍ଯ୍ୟାଳୟରେ ହେପାଟାଇଟିସ ବିସି, ଏଚ୍‌ଆଇଭି ଓ ସେଭିଲେନ୍ସର ମାଗଣା ରକ୍ତ ନମୁନା ପରୀକ୍ଷା ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ଶିବିର ଟ୍ରକ୍ ମାଲିକ ସଂଘ ସଭାପତି ଅଖିଳ କୁମାର ସ୍ୱାଇଁ, ସାଧାରଣ ସମ୍ପାଦକ ସନ୍ତୋଷ କୁମାର ମହାନ୍ତି ଉଦଘାଟନ କରିଥିଲେ। ଶିବିରରେ ୫୦ରୁ ଊର୍ଦ୍ଧ୍ୱ ଟ୍ରକ୍ ମାଲିକ, ଡ୍ରାଇଭରଙ୍କ ନମୁନା ସଂଗ୍ରହ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟ ଟେକ୍ନିସିଆନ୍ ପ୍ରଦୀପ କୁମାର ଭୋଇ, ଦେବଜାନୀ ଭଏସାଲ, କ୍ରୀଷ୍ଣା ପାଣିଗ୍ରାହୀ, ହୀମାଶୁ ଦାନୀ ସହଯୋଗ କରିଥିଲେ। ଟ୍ରକ୍ ମାଲିକ ସଂଘ ଉପସଭାପତି ଗୁରୁ ନାମ ସିଂହ, କୋଷାଧ୍ୟକ୍ଷ ସଞ୍ଜିବୀ ଜେନା, ଶ୍ରୀକାନ୍ତ ରାଏ ସହ ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ରହିଥିଲେ।

### ଅବସରପ୍ରାପ୍ତ ଗଣିତ ଶିକ୍ଷକ ଅମାତ୍ୟ ଗୁରୁଙ୍କ ପରଲୋକ

ଦେବଗଡ଼,୨୧।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ରାଜାବାସୁଦେବ ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ଗଣିତ ତଥା ବିଜ୍ଞାନ ଶିକ୍ଷକ ଅରୁଣ କୁମାର ଅମାତ୍ୟଙ୍କ ୭୯ ବର୍ଷରେ ମଙ୍ଗଳବାର ଭୋର ୪ଟା ୨୦ରେ ପରଲୋକ ଘଟିଛି।



ଏହି ଖବର ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ୨ପୁଅ, ୩ଝିଅ ସମେତ ସହଧର୍ମିଣୀ ଓ ସାନ ଭାଇ, ସାନ ବୋହୂ, ପୁତ୍ର ବୋହୂ, ନାତି ନାତୁଣିଙ୍କ ସମେତ ଅନ୍ୟ ପରିବାର ସଦସ୍ୟ ପ୍ରମୁଖ ତଥା ସାହି ବାସିନ୍ଦା ଉପସ୍ଥିତ ଥିଲେ। ସୂଚନାଥାଉକି, ସେ ସମସ୍ତଙ୍କ ହୃଦୟରେ ଅମାତ୍ୟ ଗୁରୁ ଭାବେ ବେଶ ଜଣାଶୁଣା ଥିଲେ। ୧୯୪୬ରେ ଜନ୍ମିତ ଅମାତ୍ୟ ଦେବଗଡ଼ ରାଜାବାସୁଦେବ ଉଚ୍ଚବିଦ୍ୟାଳୟରେ ଦୀର୍ଘବର୍ଷ ଧରି ଗଣିତ ଓ ବିଜ୍ଞାନ ଗୁରୁ ଭାବେ ବେଶ ଖ୍ୟାତି ଅର୍ଜନ କରିଥିଲେ। ସେହିପରି ଜିଲା ବିଜ୍ଞାନ ନୀରିକ୍ଷକ ସଂଯୋଜକ ଭାବେ କାର୍ଯ୍ୟ ନିର୍ବାହ କରି ୨୦୦୪ରେ ସେହି ହାଇସ୍କୁଲରୁ ଅବସର ନେଇଥିଲେ। ଅବସର ପରେ ସେ ଦେବଗଡ଼ କୋର୍ଟରେ ଓକିଲ ଭାବେ ମଧ୍ୟ କାର୍ଯ୍ୟ କରୁଥିଲେ। ଶେଷ ଦର୍ଶନ ପାଇଁ ତାଙ୍କ ବାସଭବନରେ ବିଭିନ୍ନ ସାମାଜିକ ଅନୁଷ୍ଠାନ କର୍ମକର୍ତ୍ତା, ସାହିବାସିନ୍ଦା, ଆଇନଜୀବୀ, ବୁଦ୍ଧିଜୀବୀ, ଜନସାଧାରଣ, ଛାତ୍ର, ରାଜନେତା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନପାଟସ୍ଥିତ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କ ବଡପୁଅ ଶିବ ପ୍ରସାଦ ଅମାତ୍ୟ ମୁଖାଗ୍ନି ଦେଇଥିଲେ।

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ସରପଞ୍ଚ, ସମିତିସଭ୍ୟ

ଝାରସୁଗୁଡ଼ା,୨୧।୧(ଆଶିଷ ରଞ୍ଜନ ଦାଶ)



ଖବରଦାତା ସମ୍ମିଳନୀରେ ସରପଞ୍ଚ, ସମିତିସଭ୍ୟମାନେ ସୂଚନା ଦେଉଛନ୍ତି।

**ବ୍ଲକ ଅଧ୍ୟକ୍ଷାଙ୍କ ସ୍ୱାମୀ ଓ ସରପଞ୍ଚଙ୍କ ମଧ୍ୟରେ ଟଣାଓଟରା ଘଟଣା**

**ଖବରଦାତା ସମ୍ମିଳନୀରେ ଅସହାୟତା ପ୍ରକାଶ କଲେ**

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ଅଫିସରେ ପ୍ରାଧନମନ୍ତ୍ରୀ ଆବାସ ଯୋଜନା ସର୍ଭେ ଉପରେ ସୋମବାର ଆଲୋଚନା ଚାଲିଥିବା ବେଳେ କିର୍ମିରା ବ୍ଲକ ଅଧ୍ୟକ୍ଷା କୃଷ୍ଣପ୍ରିୟା ସାହୁଙ୍କ ସ୍ୱାମୀ ଓ ସରପଞ୍ଚ, ସମିତିସଭ୍ୟଙ୍କ ମଧ୍ୟରେ ଯୁକ୍ତିତର୍କ ଓ ଟଣାଓଟରା ହୋଇଥିଲା। ଏହି ଘଟଣା ନେଇ ମଙ୍ଗଳବାର ମଧ୍ୟାହ୍ନରେ ସରପଞ୍ଚ, ସମିତିସଭ୍ୟମାନେ ଜିଲାପାଳଙ୍କ ସହ ଆରକ୍ଷୀ ଅଧୀକ୍ଷକଙ୍କୁ ଲିଖିତ ଅଭିଯୋଗ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅନାସ୍ଥା ପ୍ରସ୍ତାବ ଆଣିଥିବା ପିଆର୍‌ଆଇ ସଦସ୍ୟଙ୍କୁ ବ୍ଲକ ଅଧ୍ୟକ୍ଷାଙ୍କ ସ୍ୱାମୀ ଦୁର୍ବ୍ୟବହାର କରିଥିବା ଏବଂ ସେମାନଙ୍କ ଜୀବନ ପ୍ରତି ବିପଦ ରହିଥିବାରୁ ଜିଲା ପ୍ରଶାସନ ନିକଟରେ ସେମାନଙ୍କ ସୁରକ୍ଷା ନେଇ ଲିଖିତ ଭାବେ ଜଣାଇଥିବା ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସରପଞ୍ଚ, ସମିତିସଭ୍ୟମାନେ ଜିଲାପାଳଙ୍କୁ ଭେଟିବା ସହିତ ପ୍ରଶାସନର ଅସହଯୋଗ ଯୋଗୁ ଖବରଦାତା ସମ୍ମିଳନୀରେ ନିଜର ଅସହାୟତା ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ କିର୍ମିରା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସୋମବାର ଅପରାହ୍ନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ କିର୍ମିରା ବ୍ଲକ ଅଧ୍ୟକ୍ଷା ମୁଖ୍ୟଅତିଥି ଏବଂ ଅନ୍ୟ ପିଆର୍‌ଆଇ ସଦସ୍ୟ ମଧ୍ୟ ଯୋଗଦେଇଥିଲେ। ବୈଠକ ପରେ ପଞ୍ଚାୟତଗୁଡିକର ଉନ୍ନତିମୂଳକ କାର୍ଯ୍ୟ କିପରି ଶୀଘ୍ର ହୋଇପାରିବ ସେ ନେଇ ବିଭିନ୍ନ ସରପଞ୍ଚ ଓ ସମିତି ସଭ୍ୟ ବିଡିଓଙ୍କ କାର୍ଯ୍ୟାଳୟରେ ଆଲୋଚନା କରିଥିଲେ। ସେମାନେ ଆଲୋଚନା କରୁଥିବା ସମୟରେ ବ୍ଲକ ଅଧ୍ୟକ୍ଷା ଓ ତାଙ୍କ ସ୍ୱାମୀଙ୍କ ସହିତ ଆହୁରି କିଛି ଯୁବକ ବିଡିଓଙ୍କ କାର୍ଯ୍ୟାଳୟ ପଶି ସେଠାରେ ଆଲୋଚନା କରୁଥିବା ପିଆର୍‌ଆଇ ସଦସ୍ୟଙ୍କୁ ଦୁର୍ବ୍ୟବହାର କରିବା ସହିତ ଗାଳିଗୁଲଜ କରିଥିଲେ। ଏହା ସହିତ ଅନ୍ୟ ସମୟରେ ମଧ୍ୟ ବ୍ଲକକୁ ଯିବା ସମୟରେ ସେଠାରେ ବ୍ଲକ ଅଧ୍ୟକ୍ଷାଙ୍କ ଗୁଣ୍ଡାମାନେ ମହିଳା ପିଆର୍‌ଆଇ ମେମ୍ବରଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ଅଭିଯୋଗ ହୋଇଛି। କିର୍ମିରା ବ୍ଲକ ଅଧ୍ୟକ୍ଷାଙ୍କ ସ୍ୱାମୀ ଏବଂ ସେମାନଙ୍କ ଗୁଣ୍ଡାମାନଙ୍କଠାରୁ ଜୀବନ ପ୍ରତି ମଧ୍ୟ ବିପଦ ଥିବା ନେଇ କହିବା ସହିତ ସମସ୍ତଙ୍କ ସୁରକ୍ଷା ପାଇଁ ଜିଲା ପ୍ରଶାସନ ନିକଟରେ ଦାବି କରାଯାଇଥିବା ସମ୍ମିଳନୀରେ କୁହାଯାଇଛି। ଖବରଦାତା ସମ୍ମିଳନୀରେ ଜିଲା ପରିଷଦ ଅଧ୍ୟକ୍ଷା ତୁଲାବତି ମିଞ୍ଜ, କିର୍ମିରା ଜିଲା ପରିଷଦ ସଭ୍ୟ ରିତା ବାଗ, ଅର୍ଡା ସରପଞ୍ଚ ବୀଣାପାଣି ପୋଢ଼, ସୁଲେହି ସରପଞ୍ଚ ସଙ୍ଗୀତା ପଟେଲ, ନକ୍ସପାଲି ସରପଞ୍ଚ ପ୍ରିୟଦର୍ଶିନୀ ଘୁଗର, ଜି ପାନପାଲି ସରପଞ୍ଚ ରାଧାମଣୀ ସା, କିର୍ମିରା ସମିତି ସଭ୍ୟ ବାସନ୍ତୀ ଧୁରୁଆ, ଅର୍ଡ଼ା ସମିତି ସଭ୍ୟା ଗୋଲାପି ଗର୍ଡିଆ, ଜି ପାନପାଲି ସମିତି ସଭ୍ୟ କୃଷ୍ଣଚନ୍ଦ୍ର ପ୍ରଧାନ, ଭିମାଯୋର ସରପଞ୍ଚ ମନ ବାଗ, ଭିମାଯୋର ସମିତି ସଭ୍ୟ ସିଦ୍ଧାର୍ଥ ଖରସେଲ ପ୍ରମୁଖ ଉପସ୍ଥିତ ଥିଲେ।

## ପଞ୍ଚାୟତସ୍ତରୀୟ ଓବିସି ସଂଘ କମିଟି ଗଠିତ

କୋଲାବିରା,୨୧।୧(ଚିନ୍ମୟ କୁମାର ବହିଦାର)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ରଘୁନାଥପାଲି ପଞ୍ଚାୟତ କାର୍ଯ୍ୟାଳୟରେ ଓବିସି ସଂଘର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟ ନୃପଲାଲ ପଶାୟତଙ୍କ ସଭାପତିତ୍ୱରେ ବୈଠକରେ ବିଭିନ୍ନ ବିଷୟରେ ଆଲୋଚନା ହେବା ସହ ଚଳିତବର୍ଷ ପାଇଁ ଓବିସି ବର୍ଗଙ୍କ ଏକ ପଞ୍ଚାୟତସ୍ତରୀୟ ସଂଘ କମିଟି ଗଠନ କରାଯାଇଥିଲା। ସର୍ବସମତିକ୍ରମେ ବରିଷ୍ଠ ସଦସ୍ୟ ସିରଜୁ ଖମାରୀଙ୍କୁ ସଭାପତି, ଭାଲୁମାଳର ଗୀତାଞ୍ଜଳି ପଟେଲ ଉପସଭାପତି, ରଘୁନାଥପାଲିର ଉର୍ମିଳା ପଧାନ ସମ୍ପାଦକ, ସିଂହିବାହାଲର ସେବ୍ୟସାଚୀ ନାୟକଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। କାର୍ଯ୍ୟନିର୍ବାହୀ ଦସସ୍ୟ ଭାବେ ଅଲେଖ ପୃଷେଟ, ଦେବେନ୍ଦ୍ର ଭଇଁଷା, ମମତା ପଧାନ, ବେଣୁଧର ପଧାନ, ମହେନ୍ଦ୍ର ନାଏକ, ଗଣେଷ ମେହେର, ମହାବୀର ସରାଫ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ଏହ ସହିତ ଉପଦେଷ୍ଟା ଭାବେ ସୁରେନ୍ଦ୍ର ପଧାନ, ପର୍ଶୁରମା ରକ୍ସା, ଅଲେଖ ପଧାନ, ଜନେକରାମ ପଦାଣ, ନୃପଲାଲ ପଶାୟତ, ତ୍ରିବିକ୍ରମ ସରାଫ, ଭିକାରୀ ନାୟକଙ୍କୁ ମନୋନୀତ କରାଯାଇଛି। ନବ ଗଠିତ କମିଟି ଓବିସିମାନଙ୍କ ହିତକୁ ନେଇ ଆଗାମୀ ଦିନରେ କାର୍ଯ୍ୟ କରିବା ସହ ବିନ୍ନ ସମୟରେ ଦେଖାଦେଉଥିବା ବିଭିନ୍ନ ସମସ୍ୟାଗୁଡିକ ସଂଘ ମାଧ୍ୟମରେ ସମାଧାନ କରାଇବା ଏବଂ ଜାତି ସମାଜ ମଧ୍ୟରେ ସୁସମ୍ପର୍କ ଯୋଡି ସମସ୍ତଙ୍କ ସାଙ୍ଗରେ ନେଇ ଆଗକୁ ବଢିବା ବିଷୟରେ ଅବଗତ କରାଇଥିଲେ।

## ଉଦ୍ୟୋଗୀ ବିକାଶ ତାଲିମ ଉଦ୍‌ଘାଟିତ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଝାରସୁଗୁଡ଼ା,୨୧।୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଶିଳ୍ପ କେନ୍ଦ୍ରର ସଭାଗୃହରେ ୧୨ଦିନିଆ ଉଦ୍ୟୋଗୀ ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଅପରାହ୍ନ ୫ଟାରେ ଉଦ୍‌ଘାଟିତ ହୋଇଯାଇଛି। ଅନ୍ତଃରାଷ୍ଟ୍ରୀୟ ଶ୍ରମ ସଙ୍ଗଠନ ଆଇଏଲଓ ତତ୍ତ୍ୱବଧାନରେ ଶିଳ୍ପଦ୍ୟୋଗୀ ବିକାଶ ପ୍ରତିଷ୍ଠାନ ଓଡ଼ଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ତାଲିମ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଷ୍ଟେଟବ୍ୟାଙ୍କ ଅଫ୍ ଇଣ୍ଡିଆର ଜିଲା ଅଗ୍ରଣୀ ମ୍ୟାନେଜର ଶିରୋପାଣି ନାୟକ, ଜିଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ଅରିନ୍ଦମ ପଧାନ, ଜିଲା ନିୟୋଜନ କନିଷ୍ଠ ଅଧିକାରୀ ମାନସ କୁଅଁର, ସଫଳ ପ୍ରତିଷ୍ଠିତ ଉଦ୍ୟୋଗୀ ପବନ କୁମାର ସୁଲତାନୀଆ, ଜିଲା ଶିଳ୍ପ ସଂଘ ଉପସଭାପତି ବିକାଶ ସୁଲତାନୀଆ, ଜିଲା ଶିଳ୍ପ କେନ୍ଦ୍ର ସହ ପରିଚାଳକ ଜଗମୋହନ ମିଞ୍ଜ, ଶିଳ୍ପ ବିକାଶ ଅଧିକାରୀ ବଂଶୀଧର ନାୟକ ଏବଂ ଦିପ୍ତିମୟୀ ମଲିକ ଉପସ୍ଥିତ ରହି ଜିଲାରୁ ଆସିଥିବା ୩୦ଜଣ ଉଦ୍ୟୋଗୀ ମହିଳା ଓ ପୁରୁଷମାନଙ୍କୁ ଉଦ୍ୟୋଗୀ କରଣ କରିବା ପାଇଁ ପ୍ରେରଣା ପ୍ରଦାନ କରିଥିଲେ। ଶିବିରରେ ଆଇଏଲଓର ସ୍ୱୀକୃତି ପ୍ରାପ୍ତ ସମ୍ବଳ ଅଧିକାରୀ ରବୀନ୍ଦ୍ର ସାହୁ ତାଲିମର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିବା ସଙ୍ଗେ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ମ୍ୟାନେଜମେଣ୍ଟ ଛାତ୍ର ସୋନୁ ମହାପାତ୍ର, ଶ୍ରୀକାନ୍ତ ସାହୁ, କ୍ଷିତୀଶ ରଞ୍ଜନ ମୁଣ୍ଡ ପରିଚାଳନା କରିଥିଲେ।

## କ୍ରିକେଟ ପ୍ରତିଯୋଗିତା: ଲଇକେରା ଚାମ୍ପିୟନ

କୋଲାବିରା,୨୧।୧(ଚିନ୍ମୟ କୁମାର ବହିଦାର)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ରଘୁନାଥପାଲି ପଞ୍ଚାୟତ ବୁଟୁପାଲି ଖେଳ ପଡିଆଠାରେ ଗତ ୧୫ ତାରିଖଠାରୁ ଚାଲିଥବା କ୍ରିକେଟ ପ୍ରତିଯୋଗିତ ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ ଫାଇନାଲ ମ୍ୟାଚ୍ ଲଇକେରା ଏବଂ ବୁଟୁପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ବୁଟୁପାଲିକୁ ପରାସ୍ତ କରି ଲଇକାରା ଦଳ ବିଜୟ ହୋଇଛି। ଉତ୍କୃଷ୍ଟ ପ୍ରଦର୍ଶର କରି ଲଇକେରା ଦଳର ରାହୁଲ ମ୍ୟାନ ଅଫ ଦି ମ୍ୟାଚ୍




ଟ୍ରଫି ସହ ଖେଳାଳି।

ହୋଇ ପୁରସ୍କୃତ ହୋଇଥିଲେ। ଅଜୟ ଆଲୋକ ଏବଂ ଅରୁଣ ଖେଳ ପରିଚାଳନା କରିଥିବା ବେଳେ ଆୟୋଜ ସଂଘର ସନ୍ଦେଶ, ହେମନ୍ତ, ରିପୁନ, ଆଲୋକ ସମ୍ବିତ, ଆଶିଷ, ସ୍ୱାଧୀନ ପ୍ରମୁଖ ସହଯୋଗ କରିଥିଲେ।

## କୋଲାବିରାରେ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ

କୋଲାବିରା,୨୧।୧(ଚିନ୍ମୟ କୁମାର ବହିଦାର)

ଝାରସୁଗୁଡ଼ା ଜିଲା କୋଲାବିରା ସମଲେଇ ମନ୍ଦିର ପ୍ରାଙ୍ଗଣରେ ବେଦାନ୍ତ ଆନୁକୂଲ୍ୟରେ ନବନିର୍ମିତ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ବିଗ୍ରହଙ୍କ ମନ୍ଦିର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମଙ୍ଗଳବାର ପୂର୍ବାହ୍ନରେ ପୂଜାସ୍ଥଳରେ କଳସ ସ୍ଥାପନ, ପୂଜାର୍ଚ୍ଚନା, ହୋମଯଜ୍ଞ, ହନୁମାନ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା ଓ ପୂର୍ଣ୍ଣାହୁତି ହୋଇଥିଲା। ପଣ୍ଡିତ ଗୋକୁଳ ମିଶ୍ର ପୂଜକ ଦାୟିତ୍ୱ ତୁଲାଇଥିଲେ। ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇଥିଲେ। ସୂଚନା ଥାଉକି ବେଦାନ୍ତର ସିଇଓ ସୁନିଲ ଗୁପ୍ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହନୁମାନ ମନ୍ଦିର ନିର୍ମାଣ ହୋଇ ପ୍ରତିଷ୍ଠା ହୋଇଛି। ପ୍ରତିଷ୍ଠା ଉତ୍ସବରେ ବେଦାନ୍ତର ବରିଷ୍ଠ ଅଧିକାରୀ ବୀରେନ୍ଦ୍ର ତିୱାରୀଙ୍କ ସହ ଅନ୍ୟ ଅଧିକାରୀମାନେ ଭାଗ ନେଇଥିଲେ। ପ୍ରତିଷ୍ଠା ଉତ୍ସବରେ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଏଥିରେ ସମଲେଇ ମନ୍ଦିର ପୂଜା କମିଟି ସଦସ୍ୟଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଝାରସୁଗୁଡ଼ା,୨୧।୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧୀକ୍ଷକ ସ୍ମିତ ପି ପରମାର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ପଞ୍ଚାୟତ ସମିତି ଅଧ୍ୟକ୍ଷ ସଞ୍ଜିତ କୁମାର ନାଏକ, ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜର୍ଜ ତୁଙ୍ଗଡୁଙ୍ଗ, ସହକାରୀ ଜିଲାପାଳ ଉମାକାନ୍ତ ପ୍ରଧାନଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଶିବିରରେ ମୋଟ ୮ଟି ଅଭିଯୋଗରୁ ୫ଟି ବ୍ୟକ୍ତିଗତ ଓ ୩ଟି ସାମୂହିକ ଅଭିଯୋଗ ଥିଲା। ଶିବିରରେ ସାହସପୁର ପଞ୍ଚାୟତ ଅନ୍ତର୍ଗତ ନାଏକ ବନ୍ଧପାଲି ବଡ଼କାମୁଣ୍ଡାରେ ଓ ନୀଳକଣ୍ଠେଶ୍ୱର ମନ୍ଦିରରେ ଶୌଚାଳୟ ନିର୍ମାଣ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମନମୁଖୀ କାର୍ଯ୍ୟ, ଶ୍ରୀପୁରାରେ ପାଚେରି ବିବାଦ, ନାଏକ ବନ୍ଧପାଲିରେ ଭାଙ୍ଗିଯାଇଥିବା ପଞ୍ଚାୟତ ଭବନ ପାଚେରି ନିର୍ମାଣ ଓ ଚିକିତ୍ସା ସକାଶେ ଆର୍ଥିକ ସହାୟତା ସମ୍ପର୍କିତ ଅଭିଯୋଗ ସମ୍ପର୍କରେ ଶୁଣାଣି କରାଯାଇଥିଲା। ଅଭିଯୋଗଗୁଡ଼ିକ ତର୍ଜମା କରି ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

## ନରେଶଙ୍କୁ ଶ୍ରେଷ୍ଠ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ସମ୍ମାନ




ଦେବଗଡ଼ର ଛାତ୍ର ନରେଶ କୁମାର ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଦେବଗଡ଼,୨୧।୧(ଶଶାଙ୍କ ଶେଖର ଝାଙ୍କର)

ଉଚ୍ଚ ଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ଆନୁକୁଲ୍ୟରେ ଭୁବନେଶ୍ୱରସ୍ଥ ଇଞ୍ଜିନିୟର ଭବନଠାରେ ୨୦୨୪-୨୫ ବର୍ଷ ପାଇଁ ରାଜ୍ୟସ୍ତରୀୟ ଶ୍ରେଷ୍ଠ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହୋଇଥିଲା। ଉତ୍ସବରେ ଦେବଗଡ଼ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ସ୍ନାତକୋତ୍ତର ଛାତ୍ର ନରେଶ କୁମାର ସାମଲଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ସମ୍ମାନରେ ସମ୍ମାନିତ କରାଯାଇଛି। ନରେଶ ଦେବଗଡ଼ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଅନ୍ତର୍ଗତ ବିଭିନ୍ନ ସାମାଜିକ ସେବା କ୍ଷେତ୍ର ପାଇଁ ଏହି ସମ୍ମାନ ପାଇଛନ୍ତି। ମଙ୍ଗଳବାର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଭୁବନେଶ୍ୱରଠାରେ ଏକ କାର୍ଯ୍ୟକ୍ରମରେ ନରେଶଙ୍କୁ ଏହି ପୁରସ୍କାର ଓ ମାନପତ୍ର ପ୍ରଦାନ କରିଛନ୍ତି। ମୁଖ୍ୟତଃ ରାଷ୍ଟ୍ରୀୟ ସ୍ୱଚ୍ଛତା ଅଭିଯାନ, ପରିବେଶ ସୁରକ୍ଷା, ବେଟି ବଚାଓ ବେଟି ପଢ଼ାଓ ଅଭିଯାନ ତଥା ରକ୍ତଦାନ, ବୃକ୍ଷ ରୋପଣ ଆଦି କାର୍ଯ୍ୟରେ ସକ୍ରିୟ ଭୂମିକା ନିର୍ବାହ କରିଥିଲେ। ତାଙ୍କର ଅକୁଣ୍ଠିତ ସେବା, ଧର୍ଯ୍ୟ ଓ ତ୍ୟାଗ ମନୋଭାବକୁ ବିଚାରକୁ ନେଇ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏଥି ପାଇଁ ଜିଲା ଏନ୍‌ଏସ୍‌ଏସ୍ ସଂଯୋଜିକା ପ୍ରଧାପିକା ସସ୍ମିତା ପ୍ରଧାନ, ଦେବଗଡ଼ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁଦାମ କୁମାର ପରିଡ଼ା, ଜାତୀୟ ସେବା ଯୋଜନା ପ୍ରୋଗ୍ରାମ ଅଫିସର୍ ଅଧାପକ ପ୍ରତାପ ଚନ୍ଦ୍ର ଦାଶଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀଛାତ୍ରମାନେ ନରେଶଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ ଦେବଗଡ଼ ଚଷାସାହି ନିବାସୀ ଜୟକୃଷ୍ଣ ସାମଲଙ୍କ ପୁଅ। ଦେବଗଡ଼ ମହାବିଦ୍ୟାଳୟ ତଥା ଦେବଗଡ଼ ଜିଲା ଆଜି ତାଙ୍କ ପାଇଁ ଗର୍ବିତ।



ଦେବଗଡ଼ ଜିଲା ରିଆମାଳ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା।

## ସଡ଼କ ସୁରକ୍ଷା ନେଇ ସଚେତନତା ଶୋଭାଯାତ୍ରା

ଦେବଗଡ଼,୨୧।୧(ଶଶାଙ୍କ ଶେଖର ଝାଙ୍କର)

ଜାନୁଆରୀ ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ସଡ଼କ ସୁରକ୍ଷା ମାସ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଦେବଗଡ଼ ଜିଲା ରିଆମାଳ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ସଚେତନତା ଶୋଭାଯାତ୍ରା ଜିଲା ରୋଡ ସେଫ୍ଟି କମିଟି ଦ୍ୱାରା ଶୁଭାରମ୍ଭ କରାଯାଇଥିଲା। ଶୋଭାଯାତ୍ରା ରଥ ଏବଂ ଛାତ୍ରୀଛାତ୍ରମାନେ ପଞ୍ଚାୟତ ଗ୍ରାମଗୁଡିକରେ ସଡ଼କ ସୁରକ୍ଷା ସମ୍ପର୍କିତ ସଚେତନତା ବାର୍ତ୍ତା ଦୁର୍ଘଟଣା ହାର କମାଇବା ଏବଂ ହେଲମେଟ ଓ ସିଟ୍ ବେଲ୍ଟ ବ୍ୟବହାର କରିବା ଉପରେ ରାଲି ମାଧ୍ୟମରେ ସଚେତନତା କରିଥିଲେ।

## ଗୋପାଳକୃଷ୍ଣ ମେମୋରିଆଲ କ୍ରିକେଟ: ତାବଡ଼ା ଚାମ୍ପିୟନ

ଦେବଗଡ଼,୨୧।୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ କଦମ୍ବଦର୍ହ ଗ୍ରାମରେ କେଡିଏମ କ୍ଲବ ଆନୁକୂଲ୍ୟରେ ଗତ ଶନିବାରଠାରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ଗୋପାଳକୃଷ୍ଣ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ୮ଟି ଦଳକୁ ନେଇ ଅନୁଷ୍ଠିତ ଫାଇନାଲ ମ୍ୟାଚରେ କରଲଗା ଦଳକୁ ପରାସ୍ତ କରି ତାବଡା ଦଳ ଚାମ୍ପିୟନ ହୋଇଥିବା ଜଣାପଡିଛି। ଅମ୍ପାୟର ଭାବେ ଶ୍ରୀକାନ୍ତ ସାହୁ ଏବଂ ପଞ୍ଚାନନ ପ୍ରଧାନ ଖେଳ ପରିଚାଳନା କରିଥିଲେ। ଏହି ଅବସରରେ ଅୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ବାରକୋଟ ବ୍ଲକ ବିଜେଡି ସଭାପତି ହିରାଲାଲ ସାହୁ, ଭୁବନେଶ୍ୱର ସାହୁ, ସୁନୀଲ ସାହୁ, କ୍ଷିତିଶ ସାହୁ ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରିଥିଲେ।



ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରାଯାଉଛି।

## ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

ଦେବଗଡ଼,୨୧।୧(ଶଶାଙ୍କ ଶେଖର ଝାଙ୍କର)



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଜିଲା କୃଷି ବିଭାଗ ପକ୍ଷରୁ ସ୍ଥାନୀୟ ପ୍ରଧାନପାଟ ବଡ଼ବଗିଚାଠାରେ ଚାଲିଥିବା ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଓ କୃଷି ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଅନ୍ତର୍ଯ୍ୟାମୀ ସାହୁ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ମାନସୀ ଭୋଲ, ଜିଲା କୃଷି ଅଧିକାରୀ ଧବଳେଶ୍ୱର ପ୍ରଧାନ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। କୃଷି ଓ କୃଷକ ବିକାଶ ତଥା ଉତ୍ପାଦନ ବୃଦ୍ଧି ସହ ଆର୍ଥିକ ଅଭିବୃଦ୍ଧି ପାଇଁ ସରକାର ଅନେକ ବ୍ୟବସ୍ଥା କରିଥିବା ବେଳେ ଆଧୁନିକ ଯନ୍ତ୍ରପାତି ଓ ଜ୍ଞାନ କୌଶଳ ଉତ୍ପାଦନ କ୍ଷମତା ବଢ଼ାଉଛି ଏବଂ କୃଷି ଓ କୃଷକଙ୍କୁ ସଶକ୍ତ କରିବା ସହ କୃଷି ଯନ୍ତ୍ରପାତି ଓ ଯୁବ ଚାଷୀଙ୍କୁ ପ୍ରେରଣା ଯୋଗାଇ ଥିବା ଅତିଥିମାନେ ମତବ୍ୟକ୍ତ କରଥିଲେ। ଏହି ଅବସରରେ ଉଦ୍ୟାନ କୃଷି କ୍ଷେତ୍ରରେ ଅଗ୍ରଣୀ ଚାଷୀ ସୁଶାନ୍ତ କୁମାର ପାତ୍ର କଣ୍ଢେଲ ବାରକୋଟ, ଲିଙ୍ଗରାଜ ପ୍ରଧାନ କୁଣ୍ଢେଇଗୋଲା ରିଆମାଳ, ଗୋକୁଳାନନ୍ଦ ଭୋଇ ପାଲକୁଦର ତିଲେଇବଣି, ଉନ୍ନତ ଷ୍ଟଲ କ୍ଷେତ୍ରରେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକ ବିଭାଗ, ଓଡିଶା କୃଷି ଶିଳ୍ପ ଲିଗମ ଲିମିଟେଡ୍, ଏନଜିଓ ପାର୍ଟନର ସିଏସ୍‌ଡିଆର, ଡିଲର ପାର୍ଟନର ମିଶ୍ର ଏଣ୍ଟରପ୍ରାଇସେସ ଓ ପାଢ଼ୀ ଅଟୋମୋବାଇଲ ଅତିଥିମାନଙ୍କ ଦ୍ୱାରା ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ପ୍ରଦର୍ଶନୀ ମେଳାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ, ଉଦ୍ୟାନ ବିଭାଗ, କୃଷି ଯନ୍ତ୍ରପାତି ବିଭାଗ ଓ ଜିଲା ଶିଳ୍ପ କେନ୍ଦ୍ରର ମୋଟ ୫୦ ଷ୍ଟଲ ଖୋଲାଯାଇଥିଲା। ତିଲେଇବଣି ଗୋଷ୍ଠୀ କୃଷି ଅଧିକାରୀ ମନୋଜ କୁମାର ମାରାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ। ପଙ୍କଜିନୀ ନାଏକ ଓ ବିଦେଶୀ ସାହୁ ସଭା ସଂଯୋଜନା କରିଥିଲେ ।

## ସଂକ୍ଷେପରେ

### ବିଜାପାଟିରେ ହାତୀପଲ, ଲୋକେ ଭୟଭୀତ

**କର୍ଲାମୁଣ୍ଡା,୨୧।୧(ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍‌ର ବିଜାପାଟି ଓ ରିଞ୍ଜା ଅଞ୍ଚଳରେ ସୋମବାର ରାତିରୁ ହାତୀପଲ ବୁଲୁଥିବା ସ୍ଥାନୀୟ ଲୋକେ ଦେଖି ଭୟଭୀତ ହୋଇପଡ଼ିଛନ୍ତି। ହାତୀମାନେ କେତେଜଣ ଚାଷୀଙ୍କ କାନ୍ଦୁଲଚାଷ ଓ ଧାନ ଫସଲ ନଷ୍ଟ କରିଥିବା ଜଣାପଡିଛି। ସୂଚନା ପାଇ ମ.ରାମପୁର ରେଞ୍ଜ ଭାରପ୍ରାପ୍ତ ଅଧିକାରୀ ଅସିତ କୁମାର ଦାସ, ମଦନପୁର ବନପାଳ ସମ୍ପଦ କୁମାର, ସୁରୁଜୁଲି ବନରକ୍ଷୀ ସତ୍ୟଭାମା ନାଗଙ୍କ ସମେତ ଟିମ୍ ମଙ୍ଗଳବାର ସକାଳେ ପହଞ୍ଚି ହାତୀମାନଙ୍କୁ ଜଙ୍ଗଲକୁ ଘଉଡାଇବାକୁ ଉଦ୍ୟମ କରିଥିଲେ। ତେବେ ବନ ବିଭାଗର ଆକଳନ ଅନୁସାରେ ୪୪ଟି ହାତୀ ଥିବା କୁହାଯାଇଛି। ଖବର ଲେଖାହେବା ସୁଦ୍ଧା ହାତୀପଲକୁ କେସିଙ୍ଗା ରେଞ୍ଜ କର୍ମଚାରୀ ଇନ୍ଦିରାକାନନ ଜଙ୍ଗଲ ପର୍ଯ୍ୟନ୍ତ ଘଉଡ଼ାଇଥିବା ସୂଚନା ମିଳିଛି।

### ମହିଳା ଏସ୍‌ଏଚ୍‌ଜି ପାଇଁ ସ୍ୱତନ୍ତ୍ର ଋଣମେଳା

**ଖଡ଼ିଆଳ,୨୧।୧(ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ଭାରତୀୟ ଷ୍ଟେଟ ବ୍ୟାଙ୍କ ପରିସରରେ ମିଶନ ଶକ୍ତି ବିଭାଗ ତରଫରୁ ବ୍ଲକ୍‌ର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ଏକ ସ୍ୱତନ୍ତ୍ର ଋଣମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଓ ଖରିଆର ବ୍ଲକ୍ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଜିଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାତ୍ର, ବିଡିଓ ନରସିଂହ ଗଡବା, ଷ୍ଟେଟ ବ୍ୟାଙ୍କ ଖରିଆର ମୁଖ୍ୟ ପ୍ରବନ୍ଧକ ଦିନେଶ ମିଶ୍ର, ଜିଲା ମିଶନ ଶକ୍ତି ସଂଯୋଜକ ସୁନୀଲ କୁମାର ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି ମେଳାରେ ୮ଟି ବ୍ୟାଙ୍କ ୧୬୯ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୬ କୋଟି ୪୭ ଲକ୍ଷ ଟଙ୍କାର ଋଣ ଯୋଗାଇ ଦେଇଛନ୍ତି। ଏସବୁ ସହାୟତା ଜିଲାପାଳ ଓ ଅନ୍ୟ ଅତିଥିମାନେ ବ୍ୟାଙ୍କ ଚେକ୍ ଆକାରରେ ଗୋଷ୍ଠୀମାନଙ୍କୁ ବିତରଣ କରିଥିଲେ। ଋଣ ସହାୟତାକୁ ଉପଯୋଗକରି ମହିଳାମାନେ ଆହୁରି ସଶକ୍ତ ହେବେ, ପରିବାର ଆର୍ଥିକ ସ୍ୱଚ୍ଛଳ ହେବେ। ଏହାଦ୍ୱାରା ଜିଲାରୁ ପ୍ରବାସୀ ଶ୍ରମିକ ସମସ୍ୟା ସମାଧାନ ହୋଇପାରିବ ବୋଲି ଜିଲାପାଳ ଆଶା ପ୍ରକାଶ କରିଛନ୍ତି।

### ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ନୂଆପଡ଼ା,୨୧।୧(ମକାରୁ ବେମାଲ):** ନୂଆପଡ଼ା ସଦର ବ୍ଲକ୍ କୁଲିଆବନ୍ଧା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସମୀର କୁମାର ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସ ମୁଖ୍ୟ ଅତିଥି, ଗୁରୁକୁଳ ଆମସେନା ଆଚାର୍ଯ୍ୟ ବ୍ରତାନନ୍ଦ ସରସ୍ୱତୀ ଜୀ, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧକ୍ଷ ନରୋତ୍ତମ ଭୋଇ, ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ, ସରପଞ୍ଚ କୁଲିଆବନ୍ଧା ସନ୍ତରାମ ପାଣ୍ଡେ, ସମିତି ସଭ୍ୟା କେଶରୀ ବାଇ ମାଝି, ସିଆର୍‌ସିସି ମନୋଜ କୁମାର ବରିହା ପ୍ରମୁଖ ସମ୍ମାନିତ ଅତିଥି ଓ ଡ. ଶିବପ୍ରସାଦ ବେହେରା ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ପରେ ବିଦ୍ୟାଳୟର ଶ୍ରେଷ୍ଠ ବିଦ୍ୟାର୍ଥୀ, ଖେଳାଳି, ସ୍ୱେଚ୍ଛାସେବୀ, ବିଦ୍ୟାଳୟ କ୍ୟାବିନେଟ ମନ୍ତ୍ରୀ, ନିୟମିତ ଦୈନିକ ଉପସ୍ଥାନ, ଛାତ୍ରବୃତ୍ତି ପାଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ସାହିତ୍ୟ ସାଧନା ପାଇଁ କୌଣସି ବୟସ ନ ଥାଏ

**ପ୍ରଫେସର ଭୁବନେଶ୍ୱର ବେହେରାଙ୍କ ଜନ୍ମ ବାର୍ଷିକ ଉତ୍ସବ**

**ଭବାନୀପାଟଣା,୨୧।୧(ଉତ୍ତମ କୁମାର ଦାଶ)**


ଜଣେ କୃତୀ ଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଉଛି।

ସାହିତ୍ୟ ସାଧନା ପାଇଁ କୌଣସି ବୟସ ନ ଥାଏ। ସାଧନାରେ ନିମଗ୍ନ ରହିଲେ ସଫଳତା ମିଳିଥାଏ। ଏକଥାକୁ ପ୍ରମାଣିତ କରିଛନ୍ତି ପ୍ରଫେସର ଭୁବନେଶ୍ୱର ବେହେରା। ବୃତ୍ତିରେ ଇଞ୍ଜିନିୟର, କିନ୍ତୁ ସାହିତ୍ୟ ପ୍ରତି ତାଙ୍କର ଅନନ୍ୟ ଆକର୍ଷଣ ଲୁଚି ରହିଥିଲା। ସେଥିପାଇଁ ସେ ୫୫ ବର୍ଷରେ ମଧ ଉଚ୍ଚାଙ୍ଗ ଗଦ୍ୟ ସାହିତ୍ୟ ସୃଷ୍ଟି କରି ସମସ୍ତଙ୍କୁ ଚକିତ କରିଥିଲେ ବୋଲି ପ୍ରଫେସର ଭୁବନେଶ୍ୱର ବେହେରାଙ୍କ ୧୦୯ତମ ଜନ୍ମ ବାର୍ଷିକ ଉତ୍ସବରେ ଅତିଥିଙ୍କ ପକ୍ଷରୁ ମତପ୍ରକାଶ ପାଇଛି।

ମଙ୍ଗଳବାର ଭବାନୀପାଟଣାସ୍ଥିତ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଯୁବ ସଂସ୍କାର ହଲଠାରେ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜେଶନ ଓ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଜନ୍ମବାର୍ଷିକୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଅଧକ୍ଷତା କରିଥିଲେ। ଶିକ୍ଷାବିତ୍ ଡ. ଉମେଶ ଚନ୍ଦ୍ର ଶତପଥୀ ମୁଖ୍ୟଅତିଥି, ଅତିରିକ୍ତ ଜିଲାପାଳ ତନ୍ମୟ ଦରୱାନ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି, ଭର୍ତ୍ତୁଆଲ ମୋଡରେ ବିଶିଷ୍ଟ କବୟିତ୍ରୀ ମମତା ଦାଶ ମୁଖ୍ୟବକ୍ତା, ନୂଆପଡ଼ା ମଡେଲ ଡିଗ୍ରୀ କଲେଜର ସହକାରୀ ପ୍ରଫେସର ଡ. ଶ୍ରୀକାନ୍ତ କୁମାର ବାରିକ ସମ୍ମାନିତ ବକ୍ତା ଓ ଉପକୁଳସଚିବ ମେଜର ଜୟଦେବ ସାହୁ, ସଂଗଠନ ସଭାପତି ବିରଜା ପ୍ରସାଦ ପଣ୍ଡା, ଧର୍ମଗଡ଼ ପଞ୍ଚାୟତ କଲେଜ ଅଧ୍ୟାପକ ଲିଙ୍ଗରାଜ ପାତ୍ର, ବିଶିଷ୍ଟ ସମାଜସେବୀ ଚିନ୍ମୟ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସଂଗଠନ ସମ୍ପାଦକ ଅବିନାଶ ମୁଣ୍ଡ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସମସ୍ତ କାର୍ଯ୍ୟକ୍ରମକୁ ଓଡ଼ିଆ ଅଧ୍ୟାପିକା ଡ. ପ୍ରତ୍ୟାଶା ଧଳ ପରିଚାଳନା କରିଥିଲେ। ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗ ସହକାରୀ ପ୍ରଫେସର ଡୋଲାମଣି ଧରୁଆ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରଫେସର ଭୁବନେଶ୍ୱର ବେହେରାଙ୍କ ଉପରେ ପ୍ରବନ୍ଧ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଆର୍ନ୍ତଜାତୀୟ ସ୍ତରରେ ଗୋଲ୍ଡ ମେଡାଲ ପ୍ରାପ୍ତ ଛାତ୍ର ଈଶାନ ପାତ୍ର ଓ ପରିବେଶବିତ୍ ପିୟୁଷ ପାତ୍ରଙ୍କୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ଓଡ଼ିଆ ଭାଷା ଅଧ୍ୟାପକ ସୁବ୍ରତ ମାଝୀ ଧନ୍ୟବାଦ ଦେଇଥିଲେ।

# ଦାଦନମୁକ୍ତ ପଞ୍ଚାୟତରେ ପରିଣତ କରିବାକୁ ଆହ୍ୱାନ

**ଖଡ଼ିଆଳ,୨୧।୧ (ସୁଜିତ କୁମାର ପ୍ରଧାନ)**

**ପ୍ରବାସୀ ଶ୍ରମିକ ସଚେତନତା ଶିବିର**

ନୂଆପଡ଼ା ଜିଲା ଖରିଆର ବ୍ଲକ ସାନମହେଶ୍ୱର ପଞ୍ଚାୟତର ଘରଧରା ଗାଁରେ ଜିଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ପ୍ରବାସୀ ଶ୍ରମିକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନଖଣ୍ଡ ଅଧିକାରୀ ଖଡ଼ିଆଳ ଅଜିଜ ଖାନ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ଯୋଗେନ୍ଦ୍ର ମାଝୀ, ବିଡ଼ିଓ ନରସିଂହ ଗଡବା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଗୁରୁପ୍ରସାଦ ଜେନା, ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପଞ୍ଚାୟତର ୬ଟି ପରିବାର ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୩୦୦ଦିନରୁ ଅଧିକ ଶ୍ରମଦାନ କରି ଲକ୍ଷପତି ହୋଇ ଥିବାରୁ ଜିଲା ପ୍ରଶାସନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ଶ୍ରମିକ, କୃଷକ ତଥା ଜନସାଧାରଣଙ୍କ ପାଇଁ ଥିବା ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ଅବଗତ କରିଥିଲେ। ଜିଲାପାଳ ଦାଶ ସରକାରୀ ଯୋଜନାର ଲାଭ ଉଠାଇ ସମସ୍ତେ ମିଳିମିଶି ସାନ ମହେଶ୍ୱରକୁ ଦାଦନ ଶ୍ରମିକ ମୁକ୍ତ ପଞ୍ଚାୟତରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ। ଶେଷରେ ସ୍ଥାନିୟ ସରପଞ୍ଚ ଆରାଧିନୀ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଝିଅ ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ବଡ଼ ମହେଶ୍ୱର ଗାଁର ନବଜାତ ଶିଶୁ କନ୍ୟା ପୁଷ୍ପ ଲତା ଭୋଇ ଓ ଚନ୍ଦ୍ରରେଖା ଭୋଇ ଘରକୁ ଜିଲାପାଳ ଅନ୍ୟ ଅଧିକାରୀମାନଙ୍କ ସହିତ ଯାଇ ସେମାନଙ୍କ ମା’ବାପାଙ୍କ ଦ୍ୱାରା ନୂତନ ବୃକ୍ଷ ରୋପଣ କରାଇଥିଲେ।

# ଦଣ୍ଡପାଟ ବେହେରାକୁ ବ୍ଲକ୍ ଦାବି ନେଇ ପଦଯାତ୍ରା



ଶୋଭାଯାତ୍ରାରେ ସାମିଲ ହୋଇଥିବା ଲୋକପ୍ରତିନିଧି ଓ ଜନସାଧାରଣ।

**ବେହେରା,୨୧।୧(ଭୂପେଶ ତିୱାରୀ)**

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର**

କଳାହାଣ୍ଡି ଜିଲାର ଦଣ୍ଡପାଟ ଅଞ୍ଚଳ ବେହେରା ସ୍ୱତନ୍ତ୍ର ଦଣ୍ଡପାଟ ବ୍ଲକ୍ ଘୋଷଣା ଦାବିରେ ମଙ୍ଗଳବାର କ୍ରିୟାନୁଷ୍ଠାନ କମିଟି ଆହ୍ୱାନରେ ୧୧ ପଞ୍ଚାୟତବାସୀ ଶୋଭାଯାତ୍ରାରେ ବାହାରି ଧର୍ମଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ଧିମାନ ଚକମାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

ଭୌଗୋଳିକ ଦୃଷ୍ଟିକୋଣରୁ ବେହେରା ମଧ୍ୟବର୍ତ୍ତୀ ସ୍ଥାନ ହୋଇଥିବା ବେଳେ ଏଠାରେ ବ୍ଲକ୍ ଗଠନ ନିମିତ୍ତ ସବୁ ପ୍ରକାର ଭିତ୍ତିଭୂମି ରହିଛି। ୧୧ ପଞ୍ଚାୟତ ବ୍ୟତୀତ ପଡୋଶୀ ଜିଲା ନବରଙ୍ଗପୁର ଝରିଗାଁ ବ୍ଲକ୍‌ର ଅର୍ଦ୍ଧାଧିକ ଗ୍ରାମ ବେହେରା ଉପରେ ନିର୍ଭର କରିଥାନ୍ତି। ଧର୍ମଗଡ଼ ବ୍ଲକ୍ ଏହି ଅଞ୍ଚଳଠାରୁ ୨୦ରୁ ୨୫ କି.ମି. ଦୂରତା ଥିବା ହେତୁ ଲୋକଙ୍କ ଆବଶ୍ୟକତା ବେହେରା ପୂରଣ କରିଥାଏ। ଏଣୁ ବେହେରାକୁ ଦଣ୍ଡପାଟ ବ୍ଲକ୍ ଘୋଷଣା କରାଯିବାକୁ ୧୧ଗୋଟି ପଞ୍ଚାୟତ ଲୋକ ଏବେ ଏକାଠି ହୋଇଛନ୍ତି। କାର୍ଯ୍ୟକ୍ରମରେ ଦଣ୍ଡପାଟ କ୍ରିୟାନୁଷ୍ଠାନ କମିଟି ସଭାପତି ଘନଶ୍ୟାମ ପଟେଲ, କାର୍ଯ୍ୟକାରୀ ସଭାପତି ଆଇନଜୀବୀ ଦିଗମ୍ବର ଦୂରିଆ, ସମ୍ପାଦକ ପ୍ରଶାନ୍ତ ତିୱାରୀ, କୋଷାଧକ୍ଷ ଲଳିତ ବାଣୁଆ, ଆବାହକ ଭବେଶ ଗଇନ୍ତା, ବେହେରା ସମିତି ସଭ୍ୟ କିଶୋର ଚନ୍ଦ୍ର ନାଗ, ଡାଲଗୁମା ସରପଞ୍ଚ ଯୋଗେନ୍ଦ୍ର ପଟ୍ଟନାୟକ, ଗୋଟୋମୁଣ୍ଡ ସରପଞ୍ଚ ପଦ୍ମିନୀ ପୂଜାରୀ, ମୂଷାପାଲି ସରପଞ୍ଚ ଅକ୍ଷୟ ନାଏକ, ପୋଡ଼ାଗୁଡ଼ା ସରପଞ୍ଚ ଜୟରାମ ନାଗ, ସମିତି ସଭ୍ୟ ରାଜୀବ ଖମାରୀ, ଖୁଣ୍ଟିଆ ସରପଞ୍ଚ ମାଧବୀ ଧରୁଆ, ଜିଲା ପରିଷଦ ସଭ୍ୟ ହେମନ୍ତ ମାଝୀଙ୍କ ସମେତ ଅଞ୍ଚଳର ବୁଦ୍ଧିଜୀବୀ, ସାଧାରଣ ଲୋକ ସାମିଲ ହୋଇଥିଲେ।

### ଶିବିରରେ ୨୦୯ ଅଭିଯୋଗର ଶୁଣାଣି

**କଲମପୁର, ୨୧।୧(ଗଣେଶରାମ ବାଗ)**

କଳାହାଣ୍ଡି ଜିଲା କଲମପୁର ବ୍ଲକ୍ ପରିସର ଏସ୍‌ଜିଏସ୍‌ୱାଇ ସଭାଗୃହଠାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ବିଜୟ କୁମାର ମାଣ୍ଡାଙ୍ଗିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ସମୁଦାୟ ୨୦୯ଗୋଟି ଅଭିଯୋଗ ହୋଇଥିଲା। ସେଥିମଧ୍ୟରୁ ପ୍ରଧାନମନ୍ତ୍ରୀ ଆବାସ ଘର ପାଇଁ ୧୧୦, ଭତ୍ତା ପାଇଁ ୧୦, ଅନ୍ୟାନ୍ୟ ବିଷୟରେ ୮୯ ରହିଥିଲା। ନୂଆଗାଁର ଭିକେରାମ ଚଣ୍ଡୀଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। ଶିବିରରେ କଳାହାଣ୍ଡି ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନଙ୍କ ସମେତ ଅନେକ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ଉପାଧ୍ୟକ୍ଷ ଚିନ୍ତାମଣି ବେହେରା, ତହସିଲଦାର ସ୍ମରଣିକା ଡୁଙ୍ଗ, ସିଡିପିଓ ନିର୍ବାସିନୀ ଦେଇ, ବିଭାଗୀୟ ଅଧିକାରୀ ବୈକୁଣ୍ଠ ବାଗ, ସହକାରୀ ଯନ୍ତ୍ରୀ କିରଣ କୁମାର ଷଣ୍ଡ, ବିଏସ୍‌ଏସ୍‌ଓ ଖିତିସୁତା ମେହେର, କନିଷ୍ଠ ଯନ୍ତ୍ରୀ ପୀତାମ୍ବର ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ। କଲମପୁର ଥାନା ଅଧିକାରୀ ପ୍ରଦୀପ୍ତ କୁମାର କାନୁନ୍‌ଗୋ, ସବ୍‌ଇନ୍ସପେକ୍ଟର ଡୋଳାମଣି ବିଶି, ପୋଲିସ ଏଏସ୍‌ଆଇ ଶେଖର ଜେନା ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

# ରୟାଲ କପ୍ କ୍ରିକେଟ: ଘୋଟସର ଚାମ୍ପିୟନ


ଅତିଥିଙ୍କ ଗହଣରେ ଖେଳାଳିବୃନ୍ଦ।

**ନୂଆପଡ଼ା,୨୧।୧ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ଗନିଆରି ଗାଁ ରୟାଲ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୧୮ତମ ରୟାଲ କପ କ୍ରିକେଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଘୋଟସର ଓ ଝିଲମିଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଘୋଟସର ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ହରାଇ ୧୪୧ ରନ ସଂଗ୍ରହ କରିଥିଲା। ଜବାବରେ ଝିଲମିଲା ଦଳ ନିର୍ଦ୍ଧାରିତ ୧୨ ଓଭରରେ ୯ ଉଇକେଟ ହରାଇ ୭୮ ରନ କରିବାକୁ ସକ୍ଷମ ହୋଇଥିଲେ। ଫଳରେ ଘୋଟସର ଦଳ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ ମୁଖ୍ୟଅତିଥି, ଗରିବ ସେନା ଆବାହକ ରବି ମଙ୍ଗରାଜ, ମାନିଗୁଡା ସରପଞ୍ଚ ଯୋଗେନ୍ଦ୍ର ବାଗ, ପିତାମ୍ବର ଅଦା, ଗିରିଧାରି ଧରୁଆ, କେଶବ ହଂସ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ନଗଦ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ। କୁନା ହୋତା ଓ ପ୍ରବେଶ ନାଗ ଖେଳ ପରିଚାଳନା କରିଥିଲେ। ଥୟରାମ ହଂସ, ଟିକେଶ୍ୱର ହଂସ, ସହଦେବ ଥପା, କୃଷ୍ଣ ବେମାଲ, ଧ୍ରୁବ ହଂସ ପ୍ରମୁଖ ସହଯୋଗ କରିଥିଲେ।

# ତମ୍ବା କେବୁଲ ଚୋରି ଅଭିଯୋଗରେ ୪ କୋର୍ଟ ଚାଲାଣ


ଗିରଫ ୪ ଅଭିଯୁକ୍ତ।

**ଲାଞ୍ଜିଗଡ଼,୨୧।୧(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବେଦାନ୍ତ କାରଖାନାରୁ ତମ୍ବା କେବୁଲ ଚୋରି ଅଭିଯୋଗରେ ୪ ଅଭିଯୁକ୍ତକୁ ଲାଞ୍ଜିଗଡ଼ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାନୁସାରେ ଗୁରୁବାର ରାତି ପ୍ରାୟ ସାଢେ ୯ଟା ସମୟରେ ବିଭିନ୍ନ ଗ୍ରାମର ୨୫ରୁ ୩୦ ଜଣ ଲୋକ କାରଖାନାର ସୁରକ୍ଷା କର୍ମୀଙ୍କୁ ମାଡ଼ ମାରି ତମ୍ବା କେବୁଲ ଚୋରି କରି ନେଇଥିଲେ। ଏହି ଘଟଣାକୁ ନେଇ ଶୁକ୍ରବାର କାରଖାନାର ସୁରକ୍ଷା କର୍ମୀ ଲାଞ୍ଜିଗଡ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଲାଞ୍ଜିଗଡ ଥାନାଧିକାରୀ ଜିତେନ୍ଦ୍ର ବିଶ୍ୱାଳ ପୋଲିସ ବଳଙ୍କ ସହିତ କପାଗୁଡା ଗ୍ରାମର ରୋହିତ ମାଝୀ, ଟୁଲୁ ମାଝୀ, ମିଥୁନ ମାଝୀ, ନବୀନ୍ଦ୍ର ମାଝୀଙ୍କୁ ଥାନାକୁ ଆଣି ତଦନ୍ତ ଚଳାଇଥିଲେ। ପଚରା ଉଚୁରା ପରେ ୪ଜଣ ଅଭିଯୁକ୍ତ ଚୋରି କରିଥିବା ତମ୍ବା କେବୁଲ ପୋଡିଦେଇ ସେଥିରୁ ବାହାରି ଥିବା ୬୮ କିଲୋ ୫ଶହ ଗ୍ରାମ ତମ୍ବା ତାର ଲୁଚାଇ ରଖିଥିବା ତଦନ୍ତ ବେଳେ ଜଣାପଡିବା ପରେ ପୋଲିସ ତାହାକୁ ଜବତକରି ଥାନାକୁ ଆଣିଥିଲ। ଏଥିରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ପୋଲିସ ଖୋଜୁଥିବା ସୂଚନା ମିଳିଛି। ଲାଞ୍ଜିଗଡ ଥାନାରେ କେସ ନଂ.୫/୨୫ରେ ଏକ ମାମଲା ରୁଜୁ କରି ପୋଲିସ ୪ ଅଭିଯୁକ୍ତଙ୍କୁ ମଙ୍ଗଳବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଥିବା ଥାନାଧକାରୀ ବିଶାଳଙ୍କଠାରୁ ସୂଚନା ମିଳିଛି।

# ଭରୁଆମୁଣ୍ଡା ହାଇସ୍କୁଲର ବାର୍ଷିକ ଉତ୍ସବ

**ସିନାପାଲି,୨୧।୧(ମନଫୁଲ ମେହେର)**


ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ସିନାପାଲି ବ୍ଲକ ଅନ୍ତର୍ଗତ ଭରୁଆମୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ୩୫ ତମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀନିବାସ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟ ଅତିଥି, ମହାବିଦ୍ୟାଳୟ ଅଧ୍ୟାପକ କନକବର୍ଦ୍ଧନ ସାହୁ ମୁଖ୍ୟବକ୍ତା ଓ ସିନାପାଲି ବ୍ଲକ୍ ଅଧକ୍ଷା ମାଧୁରୀ ମାଝୀ, ଜିଲା ପରିଷଦ ସଦସ୍ୟା ଆଶା ଜୈନ, ସରପଞ୍ଚ ବିରଞ୍ଚି ଜଗତ, ନୂଆପଡ଼ା ଜିଲା ଓଷ୍ଟା ସମ୍ପାଦକ ରବୀନ୍ଦ୍ରନାଥ ଜୋଷୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ହିନ୍ଦୀ ଶିକ୍ଷକ ରମେଶ ଚନ୍ଦ୍ର ଦୁବେ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପାଇଁ ଜମିଦାନ କରିଥିବା ନନ୍ଦଲାଲ ବାଗଙ୍କ ସମେତ ପ୍ରତିଷ୍ଠାତା ପରିଚାଳନା କମିଟି ସଦସ୍ୟ ମାଖିର ଦାସ, ତ୍ରିଲୋଚନ ମାଝୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

### କଲେଜରେ ବାର୍ଷିକ କ୍ରୀଡ଼ା ମହୋତ୍ସବ

**ଖଡ଼ିଆଳ,୨୧।୧(ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡିଆଳସ୍ଥିତ ଆଦର୍ଶ ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା ମହୋତ୍ସବ ପାଳିତ ହୋଇଯାଇଛି। ପ୍ରଥମେ ମା’ ସମଲେଶ୍ୱରୀ ମନ୍ଦିରରୁ ମଶାଲ ଜ୍ୟୋତି କ୍ରୀଡାବିତ୍‌ମାନେ ଆଣିବା ପରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଜର ରାମ ଚନ୍ଦ୍ର ମିଶ୍ର ପତାକା ଉତ୍ତୋଳନ କରିଥିଲେ। କଲେଜ ଅଧକ୍ଷ ଡ. ଅକ୍ଷୟ କୁମାର ସାହୁ ଶପଥ ପାଠ କରାଇଥିଲେ। ପରେ ମହିଳା ଓ ପୁରୁଷ ବିଭାଗରେ ଦୌଡ଼, ଜାଭେଲିନ, ଶଟ୍‌ପୁଟ, କ୍ୟାରମ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ ପରେ ପତାକା ଅବତରଣ କରାଯାଇଥିଲା। ଶିକ୍ଷକ ଶ୍ରୀ ତିର୍କୀ ଓ ସମସ୍ତ ଅଧ୍ୟାପକ ସହଯୋଗ କରିଥିଲେ।

# ୟଙ୍ଗ୍‌ଷ୍ଟାର ଫୁଟ୍‌ବଲ: ସିର୍ଲିଗୁଡ଼ା ଦଳ ଚାମ୍ପିୟନ

**କୋକସରା,୨୧।୧ (ଦୁଷ୍ମନ୍ତ କୁମାର ପାଟଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ପଞ୍ଚାୟତ ଟେମରା ଗ୍ରାମର ୟଙ୍ଗଷ୍ଟାର କ୍ଲବ ଆନୁକୂଲ୍ୟରେ ଚାଲିଥିବା ଫୁଟ୍‌ବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍ ଝାରକୁଣ୍ଡାମାଲ ଓ ଫୁପଗାଁ ସିର୍ଲିଗୁଡା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କୌଣସି ଦଳ ଗୋଲ ଦେବାରେ ସକ୍ଷମ ହୋଇ ନ ପାରିବାରୁ ଟାଇ ବ୍ରେକରରେ ୬-୫ ଗୋଲରେ ଝାରକୁଣ୍ଡାମାଲକୁ ପରାଜିତ କରି ସିର୍ଲିଗୁଡା ଦଳ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ କ୍ଷିତିରାମ ପାତ୍ର, ସମ୍ମାନିତ ଅତିଥି ଭାବେ ଭାଜପା ନେତା ସୁଧୀର କୁମାର ପାତ୍ର, ଚୌବନ ରଣା, ଜୟଲାଲ ନାଏକ, ପରମେଶ୍ୱର ପୂଜାରୀ, କେଦାର ମାଝୀ ପ୍ରମୁଖ ଉପସ୍ଥିତ ରହି ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଖେଳ ପରିଚାଳନାରେ ରେଫରି ତାପସ ଦାସ, ଲାଇନରେ ସଞ୍ଜୀବ ଦୁର୍ଗା ସହଯୋଗ କରିଥିଲେ। ୟଙ୍ଗଷ୍ଟାର କ୍ଲବ ପକ୍ଷରୁ ନରେଶ ମାଝୀ, ବେଲାଲ ପୂଜାରି, ଗଜେନ୍ଦ୍ର ରଣା, ରମେଶ ଦଳପତି, ପଞ୍ଚା ଚଳାନ, ଭୁପେନ୍ଦ୍ର ରଣା ପ୍ରମୁଖ ସହଯୋଗ କରିଥିଲେ।


ଖେଳାଳିଙ୍କ ସହ ଅତିଥିମାନେ।

# ମହିଳା ଆରୋଗ୍ୟ ସମିତି ସମ୍ମିଳନୀ

**ଭବାନୀପାଟଣା,୨୧।୧(ଉତ୍ତମ କୁମାର ଦାଶ)**


ଜଣେ ଆଶା କର୍ମୀଙ୍କୁ ପୁରସ୍କୃତ କରାଯାଉଛି।

**ଉଲ୍ଲେଖନୀୟ ସେବା ପାଇଁ ଆଶାକର୍ମୀ ପୁରସ୍କୃତ**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଟାଉନ ହଲଠାରେ ମଙ୍ଗଳବାର ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ସମ୍ମାନିତ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଚେତା ପାଣି, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାକେଶ ସାହୁ, ଷ୍ଟେଟ କନ୍‌ସଲଟାଣ୍ଟ,(ସିପି) ବସନ୍ତ କୁମାର ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ମହାପାତ୍ର, ଡିପିଏମ୍ ଭବାନୀ ଶଙ୍କର ସାହୁ, ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ନିର୍ବାହୀ ଯନ୍ତ୍ରୀ ଲୁକୁ ସିଂହ ପ୍ରମୁଖ ଯୋଗଦେଇଥିଲେ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଶା କର୍ମୀମାନଙ୍କ ପ୍ରମୁଖ ଭୂମିକା ଉପରେ ଅତିଥିମାନେ ଗୁରୁତ୍ୱ ଆରୋପ କରିଥିଲେ। ମା’ ଓ ଶିଶୁ ସୁରକ୍ଷା ଦିଗରେ ତଥା ଗାଁରେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମର ସଚେତନତା ସୃଷ୍ଟି କରିବାରେ ଆଶା ଦିଦିଙ୍କ ଭୂମିକାକୁ ଅତିଥିମାନେ ପ୍ରସଂଶା କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟସେବାରେ ଉଲ୍ଲେଖନୀୟ ସେବା ପାଇଁ ଜିଲାର ୪ ଜଣ ଅଶାକର୍ମୀ, ଗାଁ କଲ୍ୟାଣ ସମିତିର ୧୩ ଓ ମହିଳା ଆରୋଗ୍ୟ ସମିତିର ୧୩ ଜଣଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ନେତୃତ୍ୱ ନେବାକୁ ନିଜକୁ ପ୍ରସ୍ତୁତ କରନ୍ତୁ ଛାତ୍ରୀଛାତ୍ର

ତରଭା, ୨୧।୧ (ମାନଭଞ୍ଜନ ମିଶ୍ର)

ଛାତ୍ରଛାତ୍ରୀମାନେ ସମସ୍ୟାକୁ ଭଲ ଭାବେ ବୁଝି ତା'ର ସମାଧାନର ପନ୍ଥା ନିର୍ଦ୍ଧାରଣ କରନ୍ତୁ। ଶିକ୍ଷା ଗ୍ରହଣ ପରେ ଚାକିରି ପଛରେ ନ ଗୋଡ଼ାଇ ନିଜ ଗୋଡରେ ଛିଡା ହୋଇ ଅନ୍ୟମାନଙ୍କୁ କର୍ମସଂସ୍ଥାନ ଦେବାର ଚିନ୍ତା କରି ଲିଡ଼ରଶିପ ମାନସିକତାକୁ ବିକଶିତ କରନ୍ତୁ। ପିଏମ୍ଇଜିପି ଯୋଜନାରେ ଏଥିପାଇଁ ସରକାର ଋଣ ଯୋଗାଇ ଦେଉଛନ୍ତି। ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ସୁବର୍ଣ୍ଣପୁର ଜିଲା ତରଭା ଏଇଏସ କଲେଜର ବର୍ଷିକ ଉତ୍ସରେ ଅତିଥିଭାବେ ଯୋଗଦେଇ ଏହା କହିଛନ୍ତି ଷ୍ଟେଟବ୍ୟାଙ୍କ ତରଭା ଶାଖା ପରିଚାଳକ ସୁଶାନ୍ତ କୁମାର ସାହୁ।

କଲେଜ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୋନପୁର ଉପଜିଲାପାଳ ସୌମ୍ୟରୂପା ରଥ ମୁଖ୍ୟ ଅତିଥି, ଏଇଏସ୍ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଗୋପାଳ ଚରଣ ମିଶ୍ର ମୁଖ୍ୟବକ୍ତା, ପ୍ରାଧ୍ୟାପକ ଅନୋଜ ଭୁକ୍ତା ଓ ୟୁନିଅନ ଏଡ଼ଭାଇଜର ଅଧ୍ୟାପକ ଦେବାଶିଷ ଶତପଥୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଉପଜିଲାପାଳ ରଥ ତାଙ୍କର ବକ୍ତବ୍ୟରେ କଲେଜର ବିକାଶ ପାଇଁ ଯାହା କିଛି ସମ୍ଭବ କରିବେ ବୋଲି କହିଥିଲେ। ଅଧ୍ୟକ୍ଷ ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ ଓ ଅଧ୍ୟାପକ ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କଳାକାର ଶ୍ୟାମସୁନ୍ଦର ସାହୁ, ବିକ୍ରମ ସାହୁ, ଦୁଃଖିଶ୍ୟାମ ବାବୁଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। କୋଶଳୀ ଭାଷାର ପ୍ରଚାର ପ୍ରସାରରେ ଉଲ୍ଲେଖନୀୟ ଅବଦାନ ପାଇଁ କଲେଜର ଗ୍ରନ୍ଥାଗାରିକ ଦେବେନ୍ଦ୍ର କୁମାର ନାଏକଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଗ୍ରନ୍ଥାଗାରିକ ନାଏକ ମଞ୍ଚ ପରିଚାଳନ କରିଥିବାବେଳେ ପ୍ରାଧ୍ୟାପକ ଭୁକ୍ତା ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**ତରଭା ଏଇଏସ୍ କଲେଜର ବାର୍ଷିକ ଉତ୍ସବ**

## ସଂକ୍ଷେପରେ

### ନିଆଁରେ ପୋଡ଼ି ହୋଇ ବୃଦ୍ଧା ମୃତ

ବିନିକା, ୨୧।୧ (ରାମ ଗୋପାଳ ବାଘ)

ନିଆଁ ପୋହୁଁଥିବା ବେଳେ ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ କଇଁତରା ପଞ୍ଚାୟତ ଅନ୍ତର୍ଗତ ବାଞ୍ଜିପାଲି ଗାଁର ଜଣେ ବୃଦ୍ଧା ପୋଡି ହୋଇଯିବାରେ ତାଙ୍କର ମୃତ୍ୟୁ ଘଟିଛି। ସୋମବାର ସନ୍ଧ୍ୟା ୭ଟାରେ ଏହି ଘଟଣା ଘଟିଛି। ମୃତା ପାଟ କୁମ୍ଭାର(୭୦)। ପାଟ, ନିଜ ଘରେ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ନିଆଁ ପୋହୁଁଥିବା ବେଳେ ଅସାବଧନତା ଯୋଗୁ ତାଙ୍କ ଶାଢ଼ୀରେ ନିଆଁ ଲାଗିଯାଇଥିଲା । ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ବିନିକା ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ସୋନପୁର ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସକାଳ ୭ଟାରେ ତାଙ୍କର ପରଲୋକ ଘଟିଛି। ଏ ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି ।

### କାର୍ ସହ ୬୦ କିଲୋ ଗଞ୍ଜେଇ ଜବତ, ଜଣେ ଗିରଫ

ବୌଦ୍ଧ, ୨୧।୧ (ଅଜିତ କୁମାର ବାରିକ)

ଗଞ୍ଜେଇ ଚାଲାଣ ବେଳେ ବୌଦ୍ଧ ପୋଲିସ ଚଢାଉ କରି ଏକ କାର୍ ସହ ୬୦ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ କତମସିଂହ ଗ୍ରାମର ପ୍ରକାଶ ରଣବିଡା(୪୭)। ତାଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ପୋଲିସ ସୂଚନା ମୁତାବକ, ବୌଦ୍ଧ ପୋଲିସ ଗଞ୍ଜେଇ ଚାଲାଣ ସମ୍ପର୍କରେ ସୂଚନା ପାଇ ମଙ୍ଗଳବାର ବୌଦ୍ଧ-ବଘିଆପଡା ରାସ୍ତାର କୁଲିମୁଣ୍ଡା କେନାଲ ଛକ ନିକଟରେ ଜଗି ରହିଥିଲା। ଏହି ସମୟରେ ବଘିଆପଡା ପଟରୁ ଆସୁଥିବା ଏକ କାର୍ (ନଂ.ଓଡି୦୨ଇ/୪୨୯୧)କୁ ଅଟକାଇ ଯାଞ୍ଚ କରାଯିବାରୁ ଗାଡିରୁ ୩ଟି ଜରି ବସ୍ତାରେ ଥିବା ୬୦ କିଲୋ ଗଞ୍ଜେଇ ଜବତ କରାଯାଇଥିଲା। ଏ ନେଇ ବୌଦ୍ଧ ଥାନାରେ ଏକମାମଲା (ନଂ.୪୧/୨୫) ରୁଜୁହୋଇଛି।

### ଜଙ୍ଗଲରେ ଗଞ୍ଜେଇ ଚାଷ ନଷ୍ଟ

ବୌଦ୍ଧ, ୨୧।୧ (ଅଜିତ କୁମାର ବାରିକ)

ବୌଦ୍ଧ ପୋଲିସ ପକ୍ଷରୁ ମଙ୍ଗଳବାର ବୌଦ୍ଧ ଥାନା ବଘିଆପଡା ଫାଣ୍ଡି ଅନ୍ତର୍ଗତ ରେଙ୍ଗାଲି ଓ ଜାମଖୋଲ ଜଙ୍ଗଲରେ ଚଢାଉ କରାଯାଇ ବ୍ୟାପକ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ନାଗରାଜ ଦେୱରକୋଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ରେଙ୍ଗାଲି ଓ ଜାମଖୋଲ ଜଙ୍ଗଲରେ ଚଢାଉ କରି ୪୫.୪୬ ଏକର ଜଙ୍ଗଲ ଜମିରେ ହୋଇଥିବା ୪୫୧୪୦ଟି ଗଞ୍ଜେଇ ଗଛକୁ କଟାଯାଇଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଛଗୁଡିକୁ ନିଆଁରେ ପୋଡି ନଷ୍ଟ କରାଯାଇଥିଲା। ଏ ନେଇ ବୌଦ୍ଧ ଥାନାରେ ଏକ ମାମଲା (ନଂ.୪୦/୨୫) ରୁଜୁ କରି ତଦନ୍ତ ଚାଲିଥିବା ଥାନାଧିକାରୀ ରିତ୍ କୁମାର ମୁନି ସୂଚନା ଦେଇଛନ୍ତି।

### ୧୧୫ ଛାତ୍ରୀ ନେଲେ ଆତ୍ମରକ୍ଷା ତାଲିମ

ଅମରପାଲି, ୨୧।୧ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ମଙ୍ଗଳବାର ଅପରାହ୍ନ ୧ଟାରେ ଉଦ୍ଯାପିତ ହୋଇଯାଇଛି। ଏହି ଶିବିରରେ ୧୧୫ ଜଣ ଛାତ୍ରୀ ଆତ୍ମରକ୍ଷା ତାଲିମ ନେଇଥିଲେ। ଉଦ୍ଯାପନୀ ସଭାରେ ଅଧ୍ୟକ୍ଷ ରମାକାନ୍ତ ବିଶି ଅଧକ୍ଷତା କରି ଛାତ୍ରୀମାନଙ୍କୁ ଦୈନନ୍ଦିନ ଜୀବନରେ ଆତ୍ମରକ୍ଷା ତାଲିମର ପ୍ରୟୋଗ ନିମନ୍ତେ ପରାମର୍ଶ ଦେଇଥିଲେ। ଜିଲା ସଂଯୋଜକ ମଧୁସୂଦନ ପୂଜାହାରୀ ଯୋଗଦେଇ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଉଲୁଣ୍ଡା ଥାନା ଏଏସଆଇ ଗ୍ଲୋରିଆ କାଣ୍ଡୁଲାନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ସମ୍ପ୍ରତି ଆତ୍ମସୁରକ୍ଷାର ପ୍ରୟୋଜନୀୟତା ବିଷୟରେ ଜଣାଇବା ସହିତ ପୋଲିସ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଓଡ଼ିଆ ଅଧ୍ୟାପକ କୈଳାସ ମେହେର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଗ୍ରନ୍ଥାଗାରିକ ଶିବ ନାରାୟଣ ମହାକୁର ଧନ୍ୟବାଦ ଅର୍ପଣ କରିଥିଲେ।

# ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ହତ୍ୟା

ବଘିଆପଡା, ୨୧।୧ (ଶ୍ରୀକାନ୍ତ ସାହୁ)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବୌଦ୍ଧ ଥାନା ବଘିଆପଡା ପଞ୍ଚାୟତର ନୂଆପାଲି ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଶ୍ରୀଧର ବେହେରାକୁ (୨୫)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ମଙ୍ଗଳବାର ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତମାନଙ୍କୁ ଅଟକ ରଖିବା ସହ ଏକ ହତ୍ୟା ମାମଲା (ନଂ.୩୯/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବୌଦ୍ଧ ଥାନାଧିକାରୀ ରଞ୍ଜିତ କୁମାର ମୁନୀ କହିଛନ୍ତି।

ପୋଲିସ ସୂଚନା ମୁତାବକ, ମୃତ ଶ୍ରୀଧରଙ୍କ ବିବାହ ସ୍ଥିର ହୋଇଥିବାରୁ ତାଙ୍କ ବଡ଼ ଭାଇ ଓ ମା' ବିବାହ କାର୍ଡ ବାଣ୍ଟିବାକୁ ଯାଇଥିବା ବେଳେ ଘରେ ବାପା ଓ ଭଉଣୀ ଥିଲେ। ସୋମବାର ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗ୍ରାମର ସୁରେଶ ଦୀପ, ବିଭୀଷଣ ଦୀପ, ଲକ୍ଷ୍ମଣ ଦୀପ, ବିଶ୍ୱନାଥ ବାଦି, ସୁବାସ ଦୀପ ଓ ହର୍ଷ ଦୀପ ଶ୍ରୀଧରଙ୍କ ଘରେ ପଶିଥିଲେ। ଏହି ସମୟରେ ସୁରେଶ ଶ୍ରୀଧରଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ । ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ବୌଦ୍ଧ ମେଡିକାଲକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଶ୍ରୀଧରଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ମୃତକଙ୍କ ବାପା ପୂର୍ଣ୍ଣଚନ୍ଦ୍ର ବେହେରା ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ନେଇ ବୌଦ୍ଧ ଥାନାରେ ମଙ୍ଗଳବାର ଅଭିଯୋଗ କରିଥିଲେ।

# ଜିଲାସ୍ତରୀୟ ଜୁନିୟର ରେଡକ୍ରସ୍ ଶିକ୍ଷା, ପ୍ରଶିକ୍ଷଣ ଶିବିର ଉଦ୍ଘାଟିତ



ଶିବିରରେ ଜିଲାପାଳ ଜୁନିୟର ରେଡକ୍ରସ୍‌ମାନଙ୍କୁ ପରାମର୍ଶ ଦେଉଛନ୍ତି।

ହରଭଙ୍ଗା, ୨୧।୧ (ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ସରସରା ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ଜୁନିୟର ରେଡକ୍ରସ୍ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍ଘାଟିତ ହୋଇଯାଇଛି। ହରଭଙ୍ଗା ବିଇଓ ଅଜୟ କୁମାର ଲୁହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ସୁବ୍ରତ କୁମାର ପଣ୍ଡା ଯୋଗ ଦେଇ ଶିବିରକୁ ଉଦ୍ଘାଟନ କରିଥିଲେ ଏବଂ ରେଡକ୍ରସ୍ ଜୁନିୟରଙ୍କୁ ଶୃଙ୍ଖଳିତ ଓ ସମୟାନୁବର୍ତ୍ତୀ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବୌଦ୍ଧ ବିଇଓ ଉପେନ୍ଦ୍ର ପ୍ରଧାନ, ଜିଲା ଶାରୀରିକ ଶିକ୍ଷାଧିକାରୀ ଆନନ୍ଦ ବେହେରା, ସୁବର୍ଣ୍ଣପୁର ଜୁନିୟର ରେଡକ୍ରସ୍ ଅଧିକାରୀ ରବିନ୍ଦ୍ର ପଶାୟତ, ଜିଲା ଜୁନିୟର ରେଡକ୍ରସ୍ ଅଧିକାରୀ ନବ କୁମାର ଦୀପ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମଜା ପତି ଉପସ୍ଥିତ ଥିଲେ। ଶିବିରରେ ରେଡକ୍ରସ୍‌ର ଇତିହାସ, ଫାଷ୍ଟଏଡ, ଏଡ୍ସ ବ୍ଲଡ, ବ୍ଲଡ ଡୋନେଶନ, ମୋଟିଭେସନ ଆଦି ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ନବ କିଶୋର ଦୀପ, କୃଷ୍ଣଚନ୍ଦ୍ର ସେଠି, ରାମନାରାୟଣ ଦାଶ, ପ୍ରଭାକର ଛନ୍ଦ, ଚନ୍ଦ୍ରକାନ୍ତ ମିଶ୍ର, ପ୍ରମୋଦ କୁମାର ମହାରଣା ସାଧନ କର୍ମୀ ଭାବେ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ ଜିଲାର ୪୦ଟି ବିଦ୍ୟାଳୟର ୧୪୦ ଜଣ ଜୁନିୟର ରେଡକ୍ରସ୍ ପ୍ରଶିକ୍ଷଣ ନେଇଥିଲେ। ବନମାଳି ମେହେର ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ପଦ୍ମଜା ପତି ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ତୃପ୍ତିରଞ୍ଜନ ଦାନୀ, ଗୋପାଳ ଅମାତ, ଝସକେତନ ପ୍ରଧାନ ଓ ସରସରା ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ବ୍ୟବସାୟିକ ବ୍ୟବହାର ପାଇଁ ଅନୁମତି ମିଳିଲା

ସୋନପୁର, ୨୧।୧ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସିଡିଓ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର ବ୍ୟବହାର କରୁଥିବା ଘରୋଇ ଗାଡିରେ ଅରେଞ୍ଜ ଲାଇଟ୍ ଲାଗିଥିଲା। ଏହା ମୋଟର ଯାନ ଆଇନର ଖୋଲା ଉଲ୍ଲଂଘନ ଥିଲା। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ସିଡିଓ ଓ ଗାଡି ମାଲିକ ତ୍ରୁଟିରେ ସଂଶୋଧନ ପାଇଁ ତତ୍ପରତା ଦେଖାଇଥିଲେ। ସିଡିଓ ଉକ୍ତ ଗାଡିକୁ ଆଉ ବ୍ୟବହାର କରି ନ ଥିଲେ। ଗାଡି ମାଲିକ ଉଲୁଣ୍ଡା ବ୍ଲକ ମାନପୁର ଅଞ୍ଚଳର ଧନମଣି ମେହେର ଗାଡିକୁ ବ୍ୟବସାୟିକ ପଞ୍ଜିକରଣରେ ଅନ୍ତର୍ଭୁକ୍ତ କରିବା ପାଇଁ ବଲାଙ୍ଗୀର ଆଞ୍ଚଳିକ ପରିବହନ ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ। ତଦନୁଯାୟୀ ବଲାଙ୍ଗୀର ଆରଟିଓ ଏହି ଗାଡିକୁ ବ୍ୟବସାୟିକ ବ୍ୟବହାର ପାଇଁ ମଙ୍ଗଳବାର ଅନୁମତି ପ୍ରଦାନ କରିଛନ୍ତି। ୨ ବର୍ଷ ପାଇଁ ଗାଡିକୁ ଫିଟ୍‌ନେସ ମିଳିଛି। ତେବେ ଉକ୍ତ ଗାଡିରେ ବେଆଇନ ଭାବେ ଲାଗିଥିବା ଅରେଞ୍ଜ ଲାଇଟ୍ ହଟୁଛି କି ନାହିଁ ତାହା ଦେଖିବାକୁ ବାକି ରହିଛି।

ସୂଚନା ଅନୁଯାୟୀ, ଘରୋଇ ଗାଡି ଭାବେ ପଞ୍ଜିକୃତ ହୋଇଥିବା ମହିନ୍ଦ୍ରା ଏକ୍ସୟୁଭି ୭୦୦ ଗାଡି ନଂ ଓଡି୦୩ଏଡି-୪୮୧୬କୁ ସିଡିଓ ବ୍ୟବହାର କରୁଥିଲେ। ନିୟମ ଅନୁଯାୟୀ କୌଣସି ସରକାରୀ କାର୍ଯ୍ୟାଳୟରେ ଘରୋଇ ଗାଡି ବ୍ୟବହାର ହୋଇପାରିବନାହିଁ। ଏହା ରେଜିଷ୍ଟ୍ରେଶନ ସାର୍ଟିଫିକେଟ୍‌ର ଉଲ୍ଲଂଘନ। ଅନ୍ୟପକ୍ଷେ ଏହା ଏକ ଘରୋଇ ଗାଡି ଭାବେ ପଞ୍ଜିକରଣ ହୋଇଥିବାରୁ ଏଥିରେ ସ୍ପିଡି ଗଭର୍ନର, ଭିଏଲଟିଡି ଓ ପାନିକ୍ ବଟନ ସଂଯୋଗ ନଥିଲା। ଅଫିସ କାମରେ ବ୍ୟବହାର ହେଉଥିବା ଉକ୍ତ ଗାଡିକୁ ନେଇ ଚର୍ଚ୍ଚା ଲାଗି ରହିଥିଲା। ପରିବହନ ବିଭାଗ ଆଇନ ଅନୁଯାୟୀ ଭିସିଆର କାଟିବା ସହ ଉକ୍ତ ଗାଡି ଜବତ କରିବାକୁ ସାଧାରଣରେ ଦାବି ହେଉଥିଲା।



ଅରେଞ୍ଜ ଲାଇଟ୍ ଲାଗିଥିବା ଘରୋଇ ଗାଡି।

**ଘରୋଇ ଗାଡ଼ିରେ ଅରେଞ୍ଜ ଲାଇଟ୍ ଲାଗିଥିଲା**

### କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ

ଅମରପାଲି, ୨୧।୧ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସରକାରୀ ଆଇଟିଆଇ ଶିକ୍ଷାନୁଷ୍ଠାନ ପକ୍ଷରୁ ବିଭିନ୍ନ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ କ୍ୟାରିଅର କାଉନସେଲିଂ କରାଯାଇ ବୈଷୟିକ ଜ୍ଞାନ ବିଷୟରେ ଅବଗତ କରାଯାଇଛି। ବିଭିନ୍ନ ପର୍ଯ୍ୟାୟରେ ଆଇଟିଆଇ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷା ସଞ୍ଜୁ ବରୱାଙ୍କ ନେତୃତ୍ୱରେ ବୀରମହାରାଜପୁର ବ୍ଲକର ସଂଗ୍ରାମପୁର ଉଚ୍ଚ ବିଦ୍ୟାଳୟ, ଲୁତୁରପଙ୍ଗ ଉଚ୍ଚ ବିଦ୍ୟାଳୟ, ଖଣ୍ଡହତା ଉଚ୍ଚ ବିଦ୍ୟାଳୟ ଓ ଜଟେସିଂହା ଉଚ୍ଚ ବିଦ୍ୟାଳୟର ପ୍ରାୟ ୧୪୦ ଜଣ ଛାତ୍ରୀଛାତ୍ରଙ୍କୁ ଅଣାଯାଇ ବୈଷୟିକ ଜ୍ଞାନ ତଥା ବିଭିନ୍ନ ବୈଷୟିକ ବିଷୟ (ଟ୍ରେଡ) ଉପରେ ଅବଗତ କରାଯାଇଥିଲା । ଛାତ୍ରୀଛାତ୍ରଙ୍କ ମନକୁ ବୈଷୟିକ ଶିକ୍ଷା ବିଷୟରେ ଆକୃଷ୍ଟ କରିବା ତଥା ବୈଷୟିକ ଶିକ୍ଷା ଦ୍ୱାରା କିପରି ଆତ୍ମନିର୍ଭରହୋଇପାରିବେ ସେ ବିଷୟରେ ବୁଝାଇଥିଲେ। ଆଇଟିଆଇ ଶିକ୍ଷାନୁଷ୍ଠାନ ସହକାରୀ ତାଲିମ ଅଧିକାରୀ ପ୍ରକାଶ ଚନ୍ଦ୍ର ପାତ୍ର, ମକରଧ୍ୱଜ ପାଢ଼ୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ପଶ୍ଚିମ ଓଡ଼ିଶା ଇତିହାସ କଂଗ୍ରେସ ସେମିନାର

ବିନିକା ୨୧।୧ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ ଡିଗ୍ରୀ କଲେଜରେ ପଶ୍ଚିମ ଓଡ଼ିଶା ଇତିହାସ କଂଗ୍ରେସ ସେମିନାର ମଙ୍ଗଳବାର ଅପରାହ୍ନ ୩ଟାରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ଼ ଧୀରେନ୍ଦ୍ର କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସେମିନାରରେ ସୁବର୍ଣ୍ଣପୁର ଉପ ଜିଲାପାଳ ସୌମ୍ୟରୂପା ରଥ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ସୋନପୁର କଲେଜ ପୂର୍ବତନ ଅଧ୍ୟକ୍ଷ ଡ଼ କେଦାରନାଥ ମିଶ୍ର, ସମ୍ମାନିତ ଅତିଥିଭାବେ ସୁନ୍ଦରଗଡ ମହିଳା କଲେଜ ପୂର୍ବତନ ଅଧ୍ୟକ୍ଷ ତଥା ପଶ୍ଚିମ ଓଡ଼ିଶା ଉତିହାସ କଂଗ୍ରେସ ସଭାପତି ପ୍ରଫେସର ଗୌରୀ ଶଙ୍କର ପଟେଲ, ସୁନ୍ଦରଗଡ଼ ଇତିହାସ ମହିଳା କଲେଜ ତଥା ପଶ୍ଚିମ ଓଡିଶା ଇତିହାସ କଂଗ୍ରେସ ସମ୍ପାଦକ ଡ଼ ସାକିର ହୁସେନ, ଶ୍ରୀରାମ କଲେଜ ରାମପୁର ପୂର୍ବତନ ଅଧକ୍ଷ ରାମେଶ୍ୱର ନାଏକ, ସୋନପୁର ରାଜ କଲେଜ ଇତିହାସ ଅଧ୍ୟାପକ ସୁଦାମ ଦୀପ, ଗବେଷକ ସୁଦାମ ନାଏକ ଯୋଗଦେଇଥିଲେ। ବକ୍ତାମାନେ ପଶ୍ଚିମ ଓଡ଼ିଶାର ଧାର୍ମିକ ପରମ୍ପରା ଉପରେ ଆଲୋଚନା କରିଥିଲେ । ସେମିନାର ପ୍ରାରମ୍ଭରେ ଅଧ୍ୟାପକ ବିଶ୍ୱନାଥ ମିଶ୍ର, ଅଧ୍ୟାପିକା ଜାନକୀ ସାମନୀ, ଭାରତୀ ବାବୁ ଇତିହାସ ଉପରେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଇତିହାସ ବିଭାଗ ମୁଖ୍ୟ ଗୋପାଳକୃଷ୍ଣ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଦିପ୍ତୀରାଣୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ବିଭିନ୍ନ କଲେଜର ଇତିହାସ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଭାଗନେଇଥିଲେ।



ସିଦ୍ଧାର୍ଥ ଡିଗ୍ରୀ କଲେଜରେ ଅନୁଷ୍ଠିତ ସେମିନାରରେ ମଞ୍ଚାସୀନ ଅତିଥିମାନେ।

### ତ୍ରିଦିବସୀୟ ଶିଳ୍ପ କର୍ମଶାଳା ଉଦ୍ଘାଟିତ

ଅମରପାଲି, ୨୧।୩ (ପୀତାମ୍ବର ସାହୁ)

ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରଣାଳୟ ତରଫରୁ ବୀରମହାରାଜପୁରସ୍ଥିତ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ତିନିଦିନିଆ ଶିଳ୍ପ କର୍ମଶାଳା ଓ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ମଧ୍ୟାହ୍ନ ୧ଟାରେ ଉଦ୍ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସମ୍ବଲପୁର ଟେକ୍ସଟାଇଲର ସହ ନିର୍ଦ୍ଦେଶକ ଶୈଳଜା କୁମାରୀ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ ଦାଶ ମିଳିତଭାବେ ଉଦ୍ଘାଟନ କରିଥିଲେ। ଜାତୀୟ ପୁରସ୍କାରପ୍ରାପ୍ତ ଟେରାକୋଟା ଶିଳ୍ପୀ ମୁକୁନ୍ଦ ରଣାଙ୍କ ସମେତ, ଗଞ୍ଜପା କାରିଗର, କାଠ କଣ୍ଢେଇ କାରିଗରମାନେ ଛାତ୍ରୀଛାତ୍ରମାନଙ୍କୁ ନିର୍ମାଣ କୌଶଳ ଶିଖାଇଥିଲେ।

# ରାଜେଶ-ଚିନ୍ତନ ଯୋଡ଼ି ବିଜୟୀ

ତରଭା, ୨୧।୧ (ମାନଭଞ୍ଜନ ମିଶ୍ର)

**ଆଲୋକ ମେମୋରିଏଲ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ**

ତରଭା ଇଣ୍ଡୋର ଷ୍ଟାଡିୟମରେ ମଙ୍ଗଳବାର ୨୮ତମ ଅଲୋକ ମେମୋରିଆଲ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ସନ୍ଧ୍ୟା ୭ଟାରେ ଉଦ୍ଘାଟିତ ହୋଇଯାଇଛି। ଦୁଇଦିନ ଧରି ହେବାକୁ ଥିବା ଏହି ଟୁର୍ନାମେଣ୍ଟର ଉଦ୍ଘାଟନୀ ସଭାରେ ଅଶୋକ ସାହୁ ଅଧକ୍ଷତା କରିଥିଲେ। ଷ୍ଟେଟବ୍ୟାଙ୍କ ତରଭା ଶାଖା ପରିଚାଳକ ସୁଶାନ୍ତ ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଫାୟାର ଅଫିସର ଅନିଲ ମିଶ୍ର, ପୂର୍ବତନ ନଗରପାଳ ଶୈଳେନ୍ଦ୍ର ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦିଲ୍ଲୀପ ପାଣିଗ୍ରାହୀ, ଉପନଗରପାଳ ଗଗନ ଅଗ୍ରୱାଲ, ସୁବାଷ ସେଠୀ, ମଧୁସୂଦନ ପାଣ୍ଡେ, ସତ୍ୟନାରାୟଣ ପୂଝାରୀ, ମାନଭଞ୍ଜନ ମିଶ୍ର, ଅନ୍ତର୍ଯ୍ୟାମୀ ସାହୁ, ରାଜେଶ ମେହେର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ୬୪ ଜଣ ଖେଳାଳି ଏହି ଟୁର୍ନାମେଣ୍ଟରେ ଭାଗ ନେଇଛନ୍ତି। ପ୍ରଥମ ମ୍ୟାଚ ତରଭାର ଟବୁ-ଗୁଡୁ ଯୋଗଡି ବନାମ ସୋନପୁରର ରାଜେଶ-ଚିନ୍ତନଙ୍କ ଯୋଡି ମଧ୍ୟରେ ହୋଇଥିଲା। ଏଥିରେ ସୋନପୁରର ରାଜେଶ-ଚିନ୍ତନ ଯୋଡି ବିଜୟୀ ହୋଇଥିଲେ।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍ଯାପିତ

ଖୁଣ୍ଟିଗୋରା, ୨୧।୧ (ମକରନ୍ଦ ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଆମ୍ବଗାଁ ଜନତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୧୩ ତାରିଖରୁ ଆରମ୍ଭ ହୋଇଥିବା ଆତ୍ମରକ୍ଷା ତାଲିମ ଶିବିର ମଙ୍ଗଳବାର ଉଦ୍ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଶୁକଦେବ ପଣ୍ଡାଙ୍କ ତତ୍ତ୍ୱାବଧାନରେ ମାଷ୍ଟର ଟେନର ମନ୍ଦାକିନୀ ବଗର୍ତ୍ତି ଉପସ୍ଥିତ ଥିଲେ। ତାଲିମ ଶିବିରର ପଞ୍ଚମ ଦିନରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ସହ ନିର୍ଦ୍ଦେଶକ ମଧୁସୂଦନ ମଲିକ ଓ ବାଉଁଶୁଣୀ କଲେଜର ପ୍ରିନ୍ସପାଲ ମାନଭଞ୍ଜନ ତ୍ରିପାଠୀ ଶିବିର ତଦାରଖ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ତୀର୍ଥ ବଗର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ଶିବିରରେ ଅଂଶଗ୍ରହଣ କରିଥିବା ଛାତ୍ରୀଗଣ।

# ସୁନ୍ଦରଗଡ଼କୁ ହରାଇ ଭୁବନେଶ୍ୱର ବିଜୟୀ

ହରଭଙ୍ଗା, ୨୧।୧ (ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ତିଲେଶ୍ୱର ଫକୀର ଚରଣ ଖେଳ ପଡିଆରେ ତିଲେଶ୍ୱର ବଜାର ଆସୋସିଏଶନ ପକ୍ଷରୁ ୨୧ତମ ତିଲେଶ୍ୱର କପ୍ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଚାଲିଥିବାବେଳେ ମଙ୍ଗଳବାର ମହିଳା ଫୁଟବଲ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ ସ୍ପୋର୍ଟସ ହଷ୍ଟେଲ ଓ କ୍ୟାପିଟାଲ ଫୁଟବଲ ଏକାଡେମୀ ଭୁବନେଶ୍ୱର ମଧ୍ୟରେ ଏହି ମ୍ୟାଚ୍ ହୋଇଥିଲା। ଏଥିରେ ଭୁବନେଶ୍ୱର ଦଳ ଗୋଟିଏ ଗୋଲ୍ ଦେଇ ବିଜୟୀ ହୋଇଥିଲା। ଖେଳକୁ ମହିଳା ରେଫରି ଅମିରା ପ୍ରଧାନ ପରିଚାଳନା କରିଥିଲେ। ଲାଇନ୍‌ରେ ସୁଜିତ ରାଜହଂସ, ଲକ୍ଷ୍ମଣ ସେଠ ଥିବାବେଳେ ସଲିଲ ବେହେରା ଚତୁର୍ଥ ରେଫରି କାର୍ଯ୍ୟ ତୁଲାଇଥିଲେ। ପ୍ରଦର୍ଶନୀ ଖେଳରେ ଶିଳ୍ପପତି ଅଶୋକ କୁମାର ଅଗ୍ରୱାଲା ମୁଖ୍ୟ ଅତିଥି, ଅନୁଗୋଳ ଜିଲା ଭାଜପା ଉପସଭାପତି ଅର୍ଜୁନ ସାହୁ, ଉପଦେଷ୍ଟା ପ୍ରଶାନ୍ତ କୁମାର ପ୍ରଧାନ, ସଭାପତି ଅର୍ଜୁନ ପ୍ରଧାନ, ସମ୍ପାଦକ ମହେଶ୍ୱର ମହାପାତ୍ର ଅନ୍ୟତମ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ଭୁବନେଶ୍ୱର ଦଳର ମନୀଷା ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ବଜାର ଆସୋସିଏଶନ ସଭାପତି ଅର୍ଜୁନ ପ୍ରଧାନ, ନାରାୟଣ ମହାନ୍ତି, ବିକାଶ ମିଶ୍ର, ଅଜିତ ମହାନ୍ତି, ଶୁଭ୍ରଜିତ ପ୍ରଧାନ ଓ ଆସୋସିଏଶନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ସିମୁନ ନାଏକ ଧାରା ବିବରଣୀ ପ୍ରଦାନ କରିଥିଲେ। ବୁଧବାର ଟୁର୍ନାମେଣ୍ଟର ଫାଇନାଲ ଖେଳ ମଙ୍ଗଳା କ୍ଲବ କଟକ ଓ ଦ୍ୱିତୀୟ ବାଟାଲିୟନ ଝାରସୁଗୁଡା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।


ଅତିଥିମାନଙ୍କ ସହ ଖେଳାଳିଗଣ।

**ମହିଳା ଫୁଟବଲ ପ୍ରଦର୍ଶନୀ ମ୍ୟାଚ୍**

## ଆର୍‌ଏସ୍‌ପି କର୍ମଚାରୀଙ୍କ ଜୀବନସାଥୀଙ୍କ କାରଖାନା ଗସ୍ତ

ରାଉରକେଲା,୨୧।୧(ବିପ୍ଳବ ରଞ୍ଜନ ଦାଶ): ଆର୍‌ଏସ୍‌ପି କର୍ମଚାରୀମାନଙ୍କ ଜୀବନସାଥୀଙ୍କ ପାଇଁ ପ୍ରଗତିର ସାଥୀ କାର୍ଯ୍ୟକ୍ରମ ମାଧ୍ୟମରେ କାରଖାନା ପରିଦର୍ଶନ କାର୍ଯ୍ୟକ୍ରମ ଗତ ୧୭ ତାରିଖରେ ଆୟୋଜିତ ହୋଇଯାଇଛି। ପ୍ରଭାବଶାଳୀ ପ୍ରଗତି ସହଯାତ୍ରୀ ହେବା ପାଇଁ କାରଖାନାର କାର୍ଯ୍ୟଧାରା ଓ କାର୍ଯ୍ୟ ନିୟମାବଳୀ ବିଷୟରେ ସେମାନଙ୍କୁ ସଚେତନ କରାଇବା ଏହି ଗସ୍ତ କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଥିଲା। ଏହି ପ୍ରୟାସ ଅଧୀନରେ ପ୍ଲେଟ ମିଲ, ଏସ୍‌ଏସ୍‌ଏମ୍ ଓ ରୋଲ ଶପ୍ ବିଭାଗର ୧୯ଜଣ କର୍ମଚାରୀଙ୍କ ସହଧର୍ମିଣୀଙ୍କୁ ବ୍ଲାଷ୍ଟ ଫର୍ଣ୍ଣେସ -୫,ଷ୍ଟିଲ ମେଲ୍ଟିଙ୍ଗ ଶପ୍-୨, ନୂତନ ପ୍ଲେଟ ମିଲ ଓ ହଟ୍ ଷ୍ଟ୍ରିପ୍ ମିଲ-୨ ବିଭାଗ ପରିଦର୍ଶନରେ ନିଆଯାଇଥିଲା। ପ୍ଲେଟ ମିଲ ବିଭାଗର ସିଜିଏମ୍ ଏତୱା ଓରାମ ଏହାର ସ୍ୱାଗତ, ଓରିଏଣ୍ଟେଶନ ଓ ମତବିନିମୟ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ପ୍ଲେଟ ମିଲ ବିଭାଗର ଡିଜିଏମ ସନ୍ତୋଷ କୁମାର ନାହକ, ମାନବ ସମ୍ବଳ ବିଭାଗର ଡିଜିଏମ ମୁକେଶ କିଶୋର କରନ ତଥା ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଚ୍‌ଆର ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ସୁଶ୍ରୀ ଦିବ୍ୟା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସରକାରୀ ଜମି ଅଧିଗ୍ରହଣ ସାଜିଛି ଅଡୁଆ

**ବନ୍ଧମୁଣ୍ଡା-ଜରେଇକେଲା ଜାତୀୟ ରାଜପଥ ନିର୍ମାଣ**

ରାଉରକେଲା,୨୧।୧(ବିପ୍ଳବ ରଞ୍ଜନ ଦାଶ)



ବନ୍ଧମୁଣ୍ଡା-ଜରେଇକେଲା ରାଜପଥ ନିର୍ମାଣ କାମ ଚାଲିଛି।

୨୨୨କୋଟି ୭୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୨୫ କି.ମି. ବିଶିଷ୍ଟ ବନ୍ଧମୁଣ୍ଡା-ଜରେଇକେଲା ଏନ୍‌ଏଚ୍-୩୨୦(ଡି) ନିର୍ମାଣ କାର୍ଯ୍ୟ ଇତିମଧ୍ୟରେ ଆରମ୍ଭ ହୋଇଛି। ଏଥିପାଇଁ ୮୦ ଭାଗ ବେସରକାରୀ ଜମି ଅଧିଗ୍ରହଣ ସରିଥିବାବେଳେ ସରକାରୀ ଜମି ଅଧିଗ୍ରହଣ ଜନିତ ସମସ୍ୟା ତୁଟିନାହିଁ। ଫଳରେ ଧାର୍ଯ୍ୟ ସମୟ ମଧ୍ୟରେ ଏହି ପ୍ରକଳ୍ପ ଶେଷ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି।

ସୂଚନା ଅନୁସାରେ, ବନ୍ଧମୁଣ୍ଡା-ଜରେଇକେଲା ଜାତୀୟ ରାଜପଥ ନିର୍ମାଣ ପାଇଁ ମୋଟ ୪ଟି ମୌଜାର ୮୧ଟି ଖତିୟାନଧାରୀଙ୍କ ୫.୯୮ଏକର ବେସରକାରୀ ଜମି ଓ ୨୧.୧୪୦ଏକର ସରକାରୀ ଜମି ଅଧିଗ୍ରହଣ କରାଯିବା କଥା। ଏହାମଧ୍ୟରେ ରାଜସ୍ୱ ବିଭାଗ ପକ୍ଷରୁ ୮୦ଭାଗ ବେସରକାରୀ ଜମି ଅଧିଗ୍ରହଣ ହୋଇଥିବାରୁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ବେସରକାରୀ ଜମି ଅଧିଗ୍ରହଣ ଜନିତ ସମସ୍ୟା ଏକପ୍ରକାର ସମାଧାନ ହୋଇସାରିଛି। କେବଳ ମହିପାଣି ମୌଜାର ୩୦ ଖତିୟାନଧାରୀଙ୍କ ଜମି ବାବଦ ପ୍ରାପ୍ୟରାଶିକୁ ନେଇ କିଛିଟା ଅଡୁଆ ରହିଛି। ମାତ୍ର ରାସ୍ତା ନିର୍ମାଣ ଲାଗି ଅଧିଗ୍ରହଣ ହେବାକୁ ରହିଥିବା ୨୧.୧୪୦ଏକର ସରକାରୀ ଜମିକୁ ନେଇ ଏବେ ପୁଣି ଏକ ସମସ୍ୟା ଦେଖାଦେଇଛି। ଉକ୍ତ ସମୁଦାୟ ସରକାରୀ ଜମିରୁ ବହୁ ଜମି ଜଙ୍ଗଲ ଓ ରେଳ ବିଭାଗ ଅଧୀନରେ ରହିଛି। ଏଯାଏ ଉଭୟ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ପାଇଁ ଜାତୀୟ ରାଜପଥ ବିଭାଗକୁ ଜମି ହସ୍ତାନ୍ତର କରିନାହାନ୍ତି। ଫଳରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଦିନକୁ ଦିନ ବିଳମ୍ବ ହେବାରେ ଲାଗିଛି। ରାସ୍ତା ନିର୍ମାଣ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତାର ଉଭୟ ପାର୍ଶ୍ୱରୁ ୧୭୨୩ ବୃକ୍ଷ କାଟି ଦିଆଯାଇଛି। ମାତ୍ର ଅତି ଜରୁରୀ ଥିବା ଜମି ଅଧିଗ୍ରହଣ କାର୍ଯ୍ୟ ଏଯାଏ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ହୋଇନାହିଁ। ଏହିସବୁ ଦୃଷ୍ଟିରୁ ବନ୍ଧମୁଣ୍ଡା-ଜରେଇକେଲା ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ଧାର୍ଯ୍ୟ ଅବଧି ମଧ୍ୟରେ ଶେଷ ହେବା ନେଇ ସହରର ବୁଦ୍ଧିଜୀବୀ ମହଲ ଆଶଙ୍କା ପ୍ରକାଶ କରିଛନ୍ତି।

ଏ ନେଇ ରାଉରକେଲା ଜାତୀୟ ରାଜପଥ ବିଭାଜନ ଯନ୍ତ୍ରୀ ଜ୍ୟୋତ୍ସ୍ନାମୟୀ ବିଶ୍ୱାଳଙ୍କୁ ପଚାରିବାରୁ ସେ କହିଲେ, ବନ୍ଧମୁଣ୍ଡା-ଜରେଇକେଲା ୩୨୦(ଡି) ଜାତୀୟ ରାଜପଥ ନିର୍ମାଣ ପାଇଁ ମାଟିପକା, ରାସ୍ତା ପ୍ରଶସ୍ତୀକରଣ କାମ ଆରମ୍ଭ ହୋଇଯାଇଛି। ବେସରକାରୀ ଖତିୟାନଧାରୀଙ୍କ ଜମି ଅଧିଗ୍ରହଣ ଜନିତ ୮୦ଭାଗ ସମସ୍ୟାର ସମାଧାନ ହୋଇଛି। କେବଳ ମହିପାଣିର କିଛି ଖତିୟାନଧାରୀଙ୍କ ସମସ୍ୟା ରହିଛି। ଯାହା ଆଗକୁ ସମାଧାନ ହୋଇଯିବ। ଏଥିସହ ସରକାରୀ ଜମି ହସ୍ତାନ୍ତର ନେଇ ମଧ୍ୟ ସରକାରୀ ବିଭାଗ ସହ ବିଚାରବିମର୍ଶ ଚାଲିଛି ବୋଲି ବିଶ୍ୱାଳ କହିଥିଲେ।

## ଆଇନ ପାଠ୍ୟକ୍ରମରେ ପାରଦର୍ଶୀ ହେଲେ ନ୍ୟାୟପୂର୍ଣ୍ଣ ସମାଜ ଗଠନ ସମ୍ଭବ



କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବକ୍ତବ୍ୟ ପ୍ରଦାନ କରୁଛନ୍ତି।

ରାଉରକେଲା,୨୧।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୨୧ସ୍ଥିତ ଆଇନ ମହାବିଦ୍ୟାଳୟ ଏବଂ ତାଲୁକ ଲିଗାଲ ସେବା ସମିତି ପାନପୋଷ ପକ୍ଷରୁ କଲେଜ ସମ୍ମିଳନୀ କକ୍ଷରେ ସୋମବାର ଏକ ଓରିଏଣ୍ଟେଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡ. ବିଭୂରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମ ଅତିରିକ୍ତ ଜିଲ୍ଲା ଜଜ୍ ତଥା ତାଲୁକ ଲିଗାଲ ସେବା ସମିତି ଅଧ୍ୟକ୍ଷ ଏମ୍. ଆର୍. ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଆଇନ ଶିକ୍ଷାଲାଭ କରୁଥିବା ଛାତ୍ରୀଛାତ୍ର ଆଇନଜ୍ଞ ହେବା ପାଇଁ ପାଠ୍ୟକ୍ରମ ଘୋଷିବା ଅପେକ୍ଷା ଆପରାଧିକ ମାମଲା ଓ ମାମଲାକୁ ନେଇ ରହିଥିବା ଆଇନଗତ ବିଧି ବ୍ୟବସ୍ଥା ଉପରେ ଜ୍ଞାନ ଅର୍ଜନ କରିବା ଆବଶ୍ୟକ। ଆଇନଗତ ପାଠ୍ୟ ବିଷୟବସ୍ତୁ ଉପରେ ଯୁବ ସମାଜ ପାରିଦର୍ଶିତା ହାସଲ କଲେ ନ୍ୟାୟପୂର୍ଣ୍ଣ ସମାଜ ଗଠନ ସମ୍ଭବ ବୋଲି ଶତପଥୀ କହିଥିଲେ। କଲେଜର ସମସ୍ତ ଛାତ୍ରୀଛାତ୍ରଙ୍କ ସହିତ ପ୍ରାଧ୍ୟାପିକା ପ୍ରାଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ। ଡ. ପ୍ରଜ୍ଞା ପରିମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍‌ଏସ୍‌ପି ମହିଳା ଦଳ ଚାମ୍ପିୟନ

**ସେଲ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍**

ରାଉରକେଲା,୨୦।୧(ବିପ୍ଳବ ରଞ୍ଜନ ଦାଶ)

ଜାନୁଆରୀ ୧୪ରୁ ୧୮ତାରିଖ ଯାଏ ଦୁର୍ଗାପୁରଠାରେ ଆୟୋଜିତ ସେଲ୍ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ଆର୍‌ଏସ୍‌ପି ମହିଳା ବ୍ୟାଡମିଣ୍ଟନ ଦଳ ଚାମ୍ପିୟନ ହୋଇଛି। ବିଜେତା ଦଳରେ କଣ୍ଟ୍ରାକ୍ଟ ସେଲ ୱାର୍କ୍ସ ବିଭାଗର ଏଜିଏମ ସୁଶ୍ରୀ ଦିବ୍ୟା ଦାସ, ନୂତନ ପ୍ଲେଟ ମିଲ ବିଭାଗର ମ୍ୟାନେଜର ସୁଶ୍ରୀ ନିବେଦିତା ବେହେରା, ହଟ୍ ଷ୍ଟ୍ରିପ୍ ମିଲ୍ ବିଭାଗର ମ୍ୟାନେଜର ସୁଶ୍ରୀ ରୀତା ମୁର୍ମୁ ଏବଂ ଆଇ ଏଣ୍ଡ ଏ ବିଭାଗର ଓସିଟି ସୁଶ୍ରୀ ଆୟୁଷ କୁମାରୀ ସାମିଲ ହୋଇଥିଲେ। ଆର୍‌ଏସ୍‌ପି ଦଳ ପୁଲ୍‌ରେ ଶୀର୍ଷ ସ୍ଥାନ ଲାଭ କରି ସେମିଫାଇନାଲ ପାଇଁ ଯୋଗ୍ୟତା ହାସଲ କରିଥିଲା। ସେମିଫାଇନାଲରେ ଆର୍‌ଏସ୍‌ପି ଦଳ ଆଇଏସ୍‌ପି ବର୍ଣ୍ଣପୁରକୁ ପରାସ୍ତ କରି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଥିଲା। ଫାଇନାଲରେ ବିଏସ୍‌ଏଲ ବୋକାରୋ ଦଳକୁ ପରାସ୍ତ କରି ଆରଏସ୍‌ପି ଦଳ ଚାମ୍ପିୟନ ହୋଇଥିଲା। ସାମଗ୍ରୀ ପରିଚାଳନା ବିଭାଗ ଏଜିଏମ୍ ନିହାର ପରିଜା ଦଳର ମ୍ୟାନେଜର ରହିଥିବା ବେଳେ ବିଦ୍ୟୁତ୍ ବିତରଣ ବିଭାଗର ଡିଜିଏମ୍ ଏଲ. କେ. ବେହେରା ପ୍ରଶିକ୍ଷକ ରହିଥିଲେ। ଉଲ୍ଲେଖନୀୟ, ସେଲ୍‌ର ସମସ୍ତ ୟୁନିଟ ଏହି ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିଲେ।




ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।



ସଡ଼କ ସୁରକ୍ଷା ସଚେତନତା ପାଇଁ ଛାତ୍ରୀଛାତ୍ର ୱାକାଥନରେ ବାହାରିଛନ୍ତି।

## ସଡ଼କ ସୁରକ୍ଷା ସଚେତନତା ପାଇଁ ୱାକାଥନ

ରାଉରକେଲା,୨୧।୧(ଦିନେଶ ମିଶ୍ର)

ରାଉରକେଲା ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ୱାକାଥନ୍ ଛେଣ୍ଡସ୍ଥିତ ସାଇନ୍ସ ପାର୍କ ସମ୍ମୁଖରେ ମଙ୍ଗଳବାର ସକାଳ ସାଢେ ୭ଟାରେ ଅନୁଷ୍ଠିତ ହୋଇଯାଇଛି। ଏହି ୱାକାଥନକୁ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ ମୁଖ୍ୟ ଅତିଥି ଭାବେ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ପ୍ରତ୍ୟେକ ନାଗରିକ ସଡ଼କ ସୁରକ୍ଷା ଉପରେ ଧ୍ୟାନ ଦେବା ଜରୁରୀ। ସଡ଼କ ନିୟମ ଓ ସୁରକ୍ଷା ବିଷୟରେ ସଚେତନତା ସୃଷ୍ଟି ହେଲେ ଏକ ପରିବାର ସୁରକ୍ଷିତ ହୋଇଥାଏ ବୋଲି ଡିଆଇଜି ରାୟ ତାଙ୍କ ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ରାଉରକେଲା ଏସ୍‌ପି ନିତେଶ ୱାଧୱାନି ଯୋଗ ଦେଇଥିଲେ। ଏହି ୱାକାଥନରେ ଛେଣ୍ଡ, ରଘୁନାଥପାଲ୍ଲୀ ଓ ବ୍ରାହ୍ମଣୀତରଙ୍ଗ ସମେତ ମହିଳା ଥାନା ଅଞ୍ଚଳରେ ଥିବା ସ୍କୁଲ ଓ କଲେଜର ବିଦ୍ୟାର୍ଥୀମାନେ ଯୋଗ ଦେଇଥିଲେ। ସେମାନେ ସଡ଼କ ନିୟମ ମାନି ଚଳିବା, ଟ୍ରିପଲ ରାଇଡିଂ ନ କରିବା, ଦ୍ରୁତଗତିରେ ଗାଡିଚାଳନା ନ କରିବା, ହେଲମେଟ୍ ଓ ସିଟ୍ ବେଲ୍ଟ ବାନ୍ଧିବା ଭଳି ସୁରକ୍ଷା ଦିଗ ଉପରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏହି ୱାକାଥନ ଛେଣ୍ଡସ୍ଥିତ ସାଇନ୍ସ ପାର୍କ ସମ୍ମୁଖରୁ ବାହାରି ପାନପୋଷ ଗାନ୍ଧୀ ଛକରେ ପହଞ୍ଚିଥିଲା। ଏହି ଅବସରରେ ସହରର ପ୍ରମୁଖ ଛକ ସ୍ଥାନ ଓ ଖୋଲା ପଡିଆରେ ସଡ଼କ ସୁରକ୍ଷା ଦିଗ ଉପରେ ପାଲା ମାଧ୍ୟମରେ ମଧ୍ୟ ସହରବାସୀଙ୍କୁ ସଚେତନ କରାଯାଇଥିଲା। ପାନପୋଷ ଏସ୍‌ଡିପିଓ ଉପାସନା ପାଢୀ, ରାମରାୟ ମୁର୍ମୁ, ଛେଣ୍ଡ ଥାନାଧିକାରୀ ବିଜୟ କୁମାର ସିଂ, ରଘୁନାଥପାଲୀ ଥାନାଧିକାରୀ ରାଜେନ୍ଦ୍ର କୁମାର ସ୍ୱାଇଁ, ବ୍ରାହ୍ମଣୀତରଙ୍ଗ ଥାନାଧିକାରୀ ଗଗନ ବିହାରୀ ନାୟକ, ମହିଳା ଥାନାଧିକାରୀ ସାଇପ୍ରଭା ବେହେରା, ସାଇବର ଥାନାଧିକାରୀ କ୍ଷୀତିଶ ପାତ୍ରଙ୍କ ସମେତ ବହୁ ପୋଲିସ କର୍ମଚାରୀ ସହଯୋଗ କରିଥିଲେ।

## ଓଏସ୍‌ଏପି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ରାଉରକେଲା,୨୧।୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୧୦ସ୍ଥିତ ଓଏସ୍‌ଏପି ସରକାରୀ ଉଚ୍ଚ ବିଦ୍ୟାଳୟର ୩୪ତମ ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଏସ୍‌ଏପି ପୋଲିସ୍ ପ୍ରଶାସନର ବରିଷ୍ଠ ଦୁର୍ଗପତି ପ୍ରମୋଦ କୁମାର ଜେନା ମୁଖ୍ୟଅତିଥି, ଦୁର୍ଗ ପରିବାର କଲ୍ୟାଣ କେନ୍ଦ୍ର ସଭାପତି ସାଗରିକା ମଲ୍ଲିକ, କବି କୁଞ୍ଜବିହାରୀ ରାଉତ, ବିଶ୍ରା ବ୍ଲକ ଶିକ୍ଷାଧିକାରୀ ସଦାନନ୍ଦ ପ୍ରଧାନ, ପ୍ରାକ୍ତନ ଏବିଇଓ କୁଞ୍ଜବିହାରୀ ରାଉତ, ସିଆର୍‌ସିସି ହରିହର ବେହେରା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ପଦ୍ମନାଭ ଦାଶ, ଓଏମ୍‌ପି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଲୋଚନା କର, ରମାକାନ୍ତ ମଲ୍ଲିକ ସମ୍ମାନିତ ଅତିଥି ଏବଂ ପ୍ରାକ୍ତନ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭଲ ମଣିଷ ହେବା ଓ ସମୟର ସଦୁପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଚଳିତବର୍ଷ ଶ୍ରେଷ୍ଠ ଛାତ୍ରୀ ଭାବେ ପ୍ରତିଭା ମାଝୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ବିକାଶ ଚନ୍ଦ୍ର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଉପ ଦୁର୍ଗପତି ସଞ୍ଜୀବ କୁମାର ଲାକ୍ରା, ସହକାରୀ ଦୁର୍ଗପତି ମାନଭଞ୍ଜନ ଛୁରା, ରତ୍ନାକର ଲାକ୍ରା, ମାନସିଂହ ମୁର୍ମୁ, ମଧୁସୂଦନ ମହାପାତ୍ର, ହାବିଲଦାର ଏବଂ ସିପାହୀ ଶାଖା ସଂଘ ସଭାପତି ସୂର୍ଯ୍ୟକାନ୍ତ ପାତ୍ର ଓ ସମ୍ପାଦକ ଗିରିଧାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମନୋଜ ସାହୁ, ମୌସୁମୀ ମିତ୍ର, ଅଚଳା ମିଶ୍ର, ରାମ ମିଶ୍ର, ପ୍ରତାପ ପ୍ରଧାନ, ରବିନାରାୟଣ ପାତ୍ର, ରୋହିଣୀ ରାଉତ ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ଶିକ୍ଷକ ରାମଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ୨୩ରେ ଜିଲ୍ଲା ଚାମ୍ପିୟନଶିପ୍ ଫୁଟବଲ ଫାଇନାଲ ମ୍ୟାଚ୍



ପଡ଼ିଆରେ ଉପସ୍ଥିତ ଗାଙ୍ଗପୁର ସ୍ପୋର୍ଟସ ଆସୋସିଏଶନର ଖେଳାଳି।

ରାଉରକେଲା,୨୧।୧(ଦିନେଶ ମିଶ୍ର)

ବିର୍ସା ମୁଣ୍ଡା ଆଥ୍‌ଲେଟିକ୍ ଷ୍ଟାଡିୟମ୍‌ରେ ଆସନ୍ତା ୨୩ ତାରିଖରେ ଜିଲ୍ଲା ଫୁଟବଲ ଚାମ୍ପିୟନଶିପ୍‌ର ଫାଇନାଲ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ଗାଙ୍ଗପୁର ସ୍ପୋର୍ଟସ ଆସୋସିଏଶନ ହମିରପୁର ଓ ଆଦିବାସୀ କ୍ଲବ ବନ୍ଧମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହେବ। ଗ୍ରୁପ୍ 'ଏ' ଦଳରେ ଗାଙ୍ଗପୁର ସ୍ପୋର୍ଟସ୍ ଆସୋସିଏଶନ ସର୍ବାଧିକ ୩ଟି ମ୍ୟାଚ୍ ବିଜୟୀ ହୋଇ ସର୍ବାଧିକ ୯ ପଏଣ୍ଟ ପାଇଥିବାବେଳେ କଳିଙ୍ଗ ସ୍ପୋର୍ଟିଂ ଫେଡେରେଶନ ୨ଟି ମ୍ୟାଚ୍ ଜିତି ୬ ପଏଣ୍ଟ ପାଇ ଦ୍ୱିତୀୟ ଓ ଦୁର୍ଗା କ୍ଲବ ନୂଆଗାଁ ଗୋଟିଏ ମ୍ୟାଚ୍ ଜିତି ୩ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି। ସେହିଭଳି ଗ୍ରୁପ୍ 'ବି'ରେ ଆଦିବାସୀ କ୍ଲବ ବନ୍ଧମୁଣ୍ଡା ୩ଟି ମ୍ୟାଚ୍ ଜିତି ୯ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଛି। ଆଇକନିକ୍ ଗ୍ରୁପ୍ ୪ ପଏଣ୍ଟ ପାଇ ଦ୍ୱିତୀୟ ଓ ରାଉରକେଲା ସ୍ପୋର୍ଟସ ଆସୋସିଏଶନ ତୃତୀୟ ସ୍ଥାନରେ ରହିଛି। ଏହି ଚାମ୍ପିୟନଶିପ୍‌ର ଗାଙ୍ଗପୁର ଦଳ କଳିଙ୍ଗ ସ୍ପୋର୍ଟସ ଫେଡେରଶନ ଦଳକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିବା ଜଣାପଡିଛି।

## ଆଜି ଶୋଭାଯାତ୍ରାରେ ବାହାରିବ ବଡ ଲଡୁ

ରାଉରକେଲା,୨୧।୧(ଦିନେଶ ମିଶ୍ର): ସନାତନ ଜାଗରଣ ମଞ୍ଚ ଓ ସ୍ମାଇଲ୍ ଫର ଏଭର ଫାଉଣ୍ଡେଶନ ପକ୍ଷରୁ ଅଯୋଧ୍ୟାର ଶ୍ରୀରାମ ମନ୍ଦିର ପ୍ରାଣ ପ୍ରତିଷ୍ଠାର ପ୍ରଥମ ବାର୍ଷିକୀ ଅବସରରେ ବିଶ୍ୱର ସବୁଠାରୁ ବଡ ଲଡୁ ବୁଧବାର ରାଉରକେଲାରେ ଭ୍ରମଣ କରିବ। ଏହି ଲଡୁର ଓଜନ ୨୪ ଟନ୍ ହେବ। ଏହି ବିଶାଳ ଲଡକୁ ୪ଟି ଷ୍ଟେନଲେସ୍ ଷ୍ଟିଲ କଣ୍ଟେନରରେ ରଖାଯିବ। ଏହି ମହାଲଡୁ ସନାତନ ସମ୍ପ୍ରଦାୟର ଏକତା, ଆସ୍ଥା ଓ ସଂସ୍କୃତିର ପ୍ରତୀକ ହେବ ବୋଲି ଅଧ୍ୟକ୍ଷ ସନ୍ତୋଷ ବିଶ୍ୱାଳ ସୂଚନା ଦେଇଛନ୍ତି।

## ବିଦ୍ୟାର୍ଥୀଙ୍କ ଗୃହସ୍ଥି ଉଦ୍ୟୋଗ କାରଖାନା ପରିଦର୍ଶନ

ରାଉରକେଲା,୨୧।୧(ଦିନେଶ ମିଶ୍ର)



କାରଖାନାରେ ଉପସ୍ଥିତ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

ସେକ୍ଟର-୧୮ସ୍ଥିତ ଗୁରୁନାନକ ପବ୍ଲିକ୍ ସ୍କୁଲର ବିଦ୍ୟାର୍ଥୀ ଓ ସେମାନଙ୍କ ଶିକ୍ଷୟିତ୍ରୀ ଶିକ୍ଷକମାନେ ମଙ୍ଗଳବାର ଅପରାହ୍ନ ସାଢେ ୪ଟାରେ ଛେଣ୍ଡସ୍ଥିତ ଗୃହସ୍ଥୀ ଉଦ୍ୟୋଗ କାରଖାନାକୁ ଭ୍ରମଣ କରିଛନ୍ତି। ଏହି ସମୟରେ ଛାତ୍ରୀଛାତ୍ରମାନେ ମସଲା ଉତ୍ପାଦନର ବିଭିନ୍ନ ୟୁନିଟ୍ ବୁଲି ଦେଖିବା ସହ ମସଲା ତିଆରି ପଛରେ ଥିବା ଜଟିଳ ପ୍ରକ୍ରିୟାଗୁଡିକୁ ଅନୁସନ୍ଧାନ କରିବାର ସୁଯୋଗ ପାଇଥିଲେ। ଗୃହସ୍ଥୀ ଉଦ୍ୟୋଗର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଗଣେଶ ପ୍ରସାଦ ବାଗେଡିଆ, ସିଇଓ ଅମିତ ଅଗ୍ରୱାଲ ବିଦ୍ୟାର୍ଥୀମାନଙ୍କୁ ସ୍ୱାଗତ କରିବା ସହ ବିଭିନ୍ନ ମସଲାର ଗୁଣବତ୍ତା, କଠିନ ପରିଶ୍ରମ ଓ ସ୍ଥିରତା ଉପରେ ଗୁରୁତ୍ୱ ଦେଇ କମ୍ପାନୀର ଯାତ୍ରା ବିଷୟରେ ମୂଲ୍ୟବାନ ତଥ୍ୟ ପ୍ରଦାନ କରିଥିଲେ। ଏହି ପରିଦର୍ଶନ ଅଂଶ ସ୍ୱରୂପ ବିଦ୍ୟାର୍ଥୀମାନେ ପୁଷ୍ପବାଟିକା ଦର୍ଶନ କରିବା ସହ ଗୋଶାଳା ବୁଲି ଦେଖିଥିଲେ।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ରାଉରକେଲା,୨୧।୧(ବିପ୍ଳବ ରଞ୍ଜନ ଦାଶ)

ପାନପୋଷ ସରକାରୀ ଯୁକ୍ତ ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଗତ ୧୩ ତାରିଖରୁ ଆରମ୍ଭ ହୋଇଥିବା ଆତ୍ମରକ୍ଷା ତାଲିମ ଶିବିର ଗତ ସୋମବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ମମତା ବାକ୍ସଲାଙ୍କ ସଂଯୋଜନାରେ ଅନୁଷ୍ଠିତ ସମାରୋହରେ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ସାମଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଶିବିର ମାଧ୍ୟମରେ ଉପକୃତ ହୋଇଥିବା ଛାତ୍ରୀମାନେ ଆସନ୍ତା ଦିନରେ ଏହି କୌଶଳର ସଦ୍‌ବ୍ୟବହାର କରିବା ପାଇଁ ସାମଲ ପରାମର୍ଶ ଦେଇଥିଲେ। ପରେ ପ୍ରଶିକ୍ଷଣ ନେଇଥିବା ବିଦ୍ୟାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ନମିତା ସ୍ୱାଇଁ, ଅଧ୍ୟାପିକା ଡ. ସୋନିଆ, ଡ. ସ୍ମୃତିସ୍ନିଗ୍ଧା ମିଶ୍ର ଓ ମନିଷା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।




ପ୍ରମାଣପତ୍ର ସହ ତାଲିମପ୍ରାପ୍ତ ଛାତ୍ରୀଗଣ।

## ପାନୀୟ ଜଳ ସମସ୍ୟା ନେଇ ଫେରାଦ

ରାଉରକେଲା,୨୧।୧(ଦିନେଶ ମିଶ୍ର)



ଅଞ୍ଚଳବାସୀ ୱାଟ୍‌କୋ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରୁଛନ୍ତି।

ରାଉରକେଲା ଛେଣ୍ଡ କଲୋନିସ୍ଥିତ କଳିଙ୍ଗ ବିହାର ହାଉସିଂ ବୋର୍ଡ କଲୋନି ଅଞ୍ଚଳରେ ପାନୀୟ ଜଳ ସମସ୍ୟାକୁ ନେଇ ସ୍ଥାନୀୟ ଲୋକେ ମଙ୍ଗଳବାର ଅପରାହ୍ନ ସାଢେ ୧୨ଟାରେ ଉଦିତନଗରସ୍ଥିତ ୱାଟ୍‌କୋ ଅଧିକାରୀଙ୍କୁ ଭେଟି ଫେରାଦ ହୋଇଛନ୍ତି। ତେବେ ଏହି ସମସ୍ୟାର ଖୁବ୍‌ଶୀଘ୍ର ସମାଧାନ କରିବା ଲାଗି ବିଭାଗୀୟ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

ସୂଚନା ଅନୁସାରେ, କଳିଙ୍ଗ ବିହାର ହାଉସିଂ କଲୋନିରେ ପ୍ରାୟ ୧୫ଶହରୁ ଉର୍ଦ୍ଧ୍ୱ ଲୋକ ବାସ କରୁଥିବାବେଳେ କ୍ରମାଗତ ଭାବେ ପାନୀୟ ଜଳ ଯୋଗାଣରେ ଅନିୟମିତତା ଦେଖିବାକୁ ମିଳୁଛି। ଏହି ଅଞ୍ଚଳବାସୀ ପାଣି ନ ପାଇ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗତ ବର୍ଷ ସେପ୍ଟେମ୍ବର ମାସରେ ଅଞ୍ଚଳବାସୀ ଏ ନେଇ ୱାଟକୋ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ଏହାର କୌଣସି ସ୍ଥାୟୀ ପ୍ରତିକାର ହୋଇ ନ ଥିଲା। ଫଳରେ ସ୍ଥାନୀୟ ଅଞ୍ଚଳରେ ଜନଅସନ୍ତୋଷ ବୃଦ୍ଧି ପାଇଥିଲା। ଏହି ସମସ୍ୟାର ପ୍ରତିକାର ପାଇଁ ଏକ ପ୍ରତିନିଧି ଦଳ ମଙ୍ଗଳବାର ରାଉରକେଲା ମଣ୍ଡଳର ଜେନେରାଲ ମ୍ୟାନେଜର ଅଲେଖ କୁମାର ଦଳାଇଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ଆଲୋଚନା ବେଳେ କଲୋନିର ରାଜେନ୍ଦ୍ର କୁମାର ରଥ, ପୂର୍ବତନ କାଉନସିଲର ଜର୍ଜ ଆନନ୍ଦ, ବି. ଜଳନ୍ଧର ପାତ୍ର, ସରୋଜକାନ୍ତ ଷଡ଼ଙ୍ଗୀ, ମନୋରଞ୍ଜନ ବାରିକ, ମଦନମୋହନ ଧଳ, ଜୁନିୟର ଇଞ୍ଜିନିୟର ଦୁଷ୍ମନ୍ତ କୁମାର ତରାଇ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଆତ୍ମରକ୍ଷା ତାଲିମ ପ୍ରଶିକ୍ଷଣ ଶିବିର

ରେଢାଖୋଲ,୨୧ା୧(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ କଦଳିଗଡସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ପୂର୍ବାହ୍ନ ୧୧ଟା ବେଳେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ କଦଳୀଗଡ ସରକାରୀ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷକ ଡ. ଶ୍ରୀକାନ୍ତ ମହାନ୍ତି ଅଧ୍ୟକ୍ଷତା କରିଥିଲେ। କଦଳୀଗ ଉଚ୍ଚ ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ ମମତା ସାହୁ, ସୁନନ୍ଦା ପରି, ଅଧ୍ୟାପିକା ବି ଶତୋ, ପ୍ରୀତିମଞ୍ଜରୀ ପ୍ରଧାନ, ପ୍ରତିମା ପାତ୍ର, ଭାରତୀ ଭୋଇ ଉପସ୍ଥିତ ରହି ଛାତ୍ରୀମାନଙ୍କ ପାଇଁ ଆତ୍ମରକ୍ଷା ତାଲିମର ଗୁରୁତ୍ୱ ବିଷୟରେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ସସ୍ମିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରରେ ୪୭ ଜଣ ଏକାଦଶ ଶ୍ରେଣୀର ଛାତ୍ରୀମାନଙ୍କୁ ୮ ଦିନ ଧରି ପ୍ରଶିକ୍ଷଣ ପ୍ରଦାନ କରାଯିବ। ମାଷ୍ଟର ଟ୍ରେନର ଏ. ବିଷ୍ଣୁପ୍ରିୟା ସାଗର ପ୍ରଶିକ୍ଷଣ ପ୍ରଦାନ କରିବେ।

### ଭୋଟର ଦିବସ ପାଇଁ ତର୍କ, ପ୍ରବନ୍ଧ ପ୍ରତିଯୋଗିତା

ନାକଟିଦେଉଳ,୨୧ା୧(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ରେଢାଖୋଲ ଉପ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ୨୫ତାରିଖରେ ହେବାକୁ ଥିବା ଉପଖଣ୍ଡ ଓ ବ୍ଲକସ୍ତରୀୟ ଜାତୀୟ ଭୋଟର୍ ଦିବସ ପାଇଁ ନାକଟିଦେଉଳ ମହାବିଦ୍ୟାଳୟରେ ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ଯୁକ୍ତ ତର୍କ ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଭୟ ଯୁକ୍ତ ୨ ଓ ଯୁକ୍ତ ୩ ଶ୍ରେଣୀର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ପ୍ରବନ୍ଧ ପ୍ରତିଯୋଗିତାରେ ଯୁକ୍ତ ୩ ୩ୟବର୍ଷର ଛାତ୍ରୀ ନିକିତା ପ୍ରଧାନ ୧ମ, +୨ ୨ୟ ବର୍ଷ ବିଜ୍ଞାନ ଛାତ୍ର ଆକାଶ ପ୍ରଧାନ ୨ୟ ଓ ଯୁକ୍ତ ୩ ୩ୟ ବର୍ଷ କଳା ଛାତ୍ରୀ ଜୁଲି ଡାଙ୍ଗି ୩ୟ ସ୍ଥାନ ଅଧିକାର କରିଥିଲେ। ତର୍କ ପ୍ରତିଯୋଗିତାରେ ଯୁକ୍ତ ୩ ପ୍ରଥମ କଳା ଛାତ୍ରୀ ପାୟଲ ପରିମିତା ପ୍ରଧାନ ଓ ଯୁକ୍ତ ୩ ତୃତୀୟ ବର୍ଷ କଳାଛାତ୍ରୀ ଝଣ୍ଟିରାଣୀ ସାହୁ ପ୍ରଥମ ସ୍ଥାନ, ଯୁକ୍ତ ୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର ସ୍ୱାଗତ ସାହୁ ୨ୟ ସ୍ଥାନ ଓ ଯୁକ୍ତ ୨ ପ୍ରଥମ ବର୍ଷ ବିଜ୍ଞାନ ଛାତ୍ରୀ ସିଲନ ନାୟକ ୩ୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବରେ ଅଧ୍ୟାପକ ବିଶ୍ୱଜିତ ସାହୁ, ସରୋଜ କୁମାର ଭୁଏ ଓ ଶେଷଦେବ ବିଶ୍ୱାଳ ଯୋଗ ଦେଇଥିଲେ। ନାକଟିଦେଉଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ହେମାନନ୍ଦ ପ୍ରଧାନ ଓ ସ୍ନାତକ ମହାବିଦ୍ୟାଳୟ ବରିଷ୍ଠ ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳଙ୍କ ପରିଚାଳନାରେ ଏହି କାର୍ଯ୍ୟକ୍ରମ ହୋଇଥିଲା।

# କବି ଦ୍ରଷ୍ଟା, ସ୍ରଷ୍ଟା ମଧ୍ୟରେ ଭେଦ ଦର୍ଶାଏ

**ସମ୍ବଲପୁର ପୁସ୍ତକ ମେଳା ଚତୁର୍ଥ ଦିବସ ଆଲୋଚନାଚକ୍ର**

ସମ୍ବଲପୁର,୨୧ା୧(ବି.ଶଙ୍କର)


ଆୟୋଜିତ ଆଲୋଚନା ଚକ୍ରରେ ଅତିଥିମାନେ ପୁସ୍ତକ ଉନ୍ମୋଚିତ କରୁଛନ୍ତି।

ଲେଖକଙ୍କ ସହ ସାକ୍ଷାତ୍‌କାର କାର୍ଯ୍ୟକ୍ରମ ମଙ୍ଗଳବାର ସନ୍ଧ୍ୟା ୬ଟାରେ ଅଇଁଠାପାଲି ପିଏଚ୍‌ଡି ପଡିଆସ୍ଥିତ ସମ୍ବଲପୁର ପୁସ୍ତକ ମେଳା ମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଚତୁର୍ଥ ଦିବସ ଆଲୋଚନାଚକ୍ରରେ ସେତୁର ବରିଷ୍ଠ ସଦସ୍ୟ ପ୍ରଫେସର କାମଦେବ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ପ୍ର.ଆଦିତ୍ୟ ପ୍ରସାଦ ପାଢ଼ୀ ଯୋଗଦେଇଥିଲେ। ଆଜି ପାଗ ପରିବର୍ତ୍ତନ, ସମ୍ଭାବ୍ୟ ବ୍ୟବସାୟିକ ଯୁଦ୍ଧ ଓ ଅପସଂସ୍କୃତିର ପ୍ରସାର ଚାଲିଛି। ତେଣୁ କବିମାନେ କବିତା ମାଧ୍ୟମରେ ସଚେତନତା ସୃଷ୍ଟି କରିବା ସମୟ ଆସିଛି ବୋଲି ପ୍ରଫେସର ପାଢ଼ୀ କହିଥିଲେ। ସମ୍ମାନୀତ ଅତିଥି ପ୍ରଫେସର ସେବକ ତ୍ରିପାଠୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ମଣିଷ ନିଜ ଦିବ୍ୟ ଜ୍ଞାନ ବଳରେ ଅସମ୍ଭବକୁ ସମ୍ଭବ କରିପାରେ। ଦ୍ରଷ୍ଟା ଓ ସ୍ରଷ୍ଟା ମଧ୍ୟରେ ଭେଦ ଦର୍ଶାଇଥିଲେ। ସେ କବିମାନଙ୍କୁ ସ୍ରଷ୍ଟା ଭାବରେ ଅବିହିତ କରି ସେମାନଙ୍କ ମହତ୍ତ୍ୱ ପ୍ରତିପାଦନ କରିଥିଲେ।

ନିମନ୍ତ୍ରିତ କବି ସୌଭାଗ୍ୟବନ୍ତ ମହାରଣା କହିଥିଲେ, ଭୀମ ଭୋଇଙ୍କ ଭଜନ ଓ ଚାଷୀ ମୁଖରୁ ହଳିଆ ଗୀତ ଶୁଣି ସେ କବି ମନସ୍କ ହୋଇଛନ୍ତି ବୋଲି ଜଣାଇ ତାଙ୍କ କବିତା ରଚନାର କ୍ରମଧାରା ଉପରେ କହିଥିଲେ। କବିତା ପାଠ କରିବାର ସ୍ପୃହା ଥିଲେ ପାଠକ ସକାଶେ କୌଣସି କବିତା ଦୁର୍ବୋଧ ନୁହେଁ ବୋଲି ସେ ମତବ୍ୟକ୍ତ କରିଥିଲେ। ସେ ତାଙ୍କ ବାପା କବିତାଟି ସଭାରେ ଆବୃତି କରିଥିଲେ। ଅନ୍ୟତମ ନିମନ୍ତ୍ରିତ କବି ଶତ୍ରୁଘ୍ନ ପାଣ୍ଡବ ତାଙ୍କର କବି ଜୀବନର ଆରମ୍ଭ ଓ ପ୍ରଗତି ବିଷୟରେ ଜଣାଇବା ସହ କବିଟିଏ ଯାହା ବ୍ୟକ୍ତ କରିବା କଥା ତାହା କବିତାରେ ପ୍ରକାଶ କରିଥାଏ ବୋଲି କହିଥିଲେ। ଆଚରଣ ଓ ଉଚ୍ଚାରଣରେ ସମନ୍ୱୟ ରଖି ପାରୁ ନ ଥିବା ବ୍ୟକ୍ତି ଭଲ କବି ହୋଇ ପାରିବନାହିଁ। କାରଣ କବି ଯାହା ନିଜ ଜୀବନରେ ଅନୁଭବ କରେ ତଥା ନିଜ ମାନସରେ ତର୍ଜମା କରେ ତାହା ହିଁ ତାଙ୍କ କବିତାରେ ପ୍ରତିଫଳିତ ହୋଇଥାଏ। ସେତୁ ସଭାପତି ପ୍ରଫେସର ମୀନକେତନ ପାଠୀ, ପୂର୍ବତନ ସଭାପତି ଡା. ରମାବଲ୍ଲଭ ମିଶ୍ର ଓ ପୂର୍ବତନ ସମ୍ପାଦକ ଡ. ସନ୍ତୋଷ କୁମାର ଦାଶ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ବ୍ରଜମୋହନ ଗୋୟେଲଙ୍କ ହିନ୍ଦି ପୁସ୍ତକ ସୁଦର୍ଶନ ଚକ୍ର ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। କବି ଡ. ପ୍ରଦୀପ କୁମାର ପଣ୍ଡା, ଦୁର୍ଗା ପ୍ରସାଦ ପଣ୍ଡା, କବି ସରୋଜ କୁମାର ମିଶ୍ର, କାଳିଦାସ ମିଶ୍ର, ଲକ୍ଷ୍ମୀନାରାୟଣ ହୋତା, ପ୍ରସନ୍ନ କୁମାର ମିଶ୍ର, ଜୟକୃଷ୍ଣ ବେହେରା ପ୍ରମୁଖ ସଭାରେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ସଦସ୍ୟ ସ୍ୱୟଂପ୍ରକାଶ ପଣ୍ଡା ପ୍ରାରମ୍ଭିକ ସୂଚନା ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଦସ୍ୟ ଡ. ସିଦ୍ଧାର୍ଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ସଡ଼କ ସୁରକ୍ଷା ସଚେତନତା ସପ୍ତାହ

କୁଚିଣ୍ଡା,୨୧ା୧(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡାରେ ମଙ୍ଗଳବାର ସଡକ ସପ୍ତାହ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଆନୁକୂଲ୍ୟ ଓ ସମ୍ବଲପୁର ନେହେରୁ ଯୁବକେନ୍ଦ୍ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ କୁଚିଣ୍ଡା ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍,ଏନ୍‌ସିସି ଓ ୱାଇଆରସିର ୨୫ଜଣ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ। ମଧ୍ୟାହ୍ନ ୧୨ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବାଇପାସ ଛକ ଏବଂ ପୁରୁଣା ବସ୍‌ଷ୍ଟାଣ୍ଡ ସ୍ଥିତ କୁସୁମୀ ଛକରେ ସ୍ୱେଚ୍ଛାସେବୀମାନେ ଟ୍ରାଫିକ ସଚେତନତା କରିଥିଲେ। କୁଚିଣ୍ଡା ଥାନା ଏସଆଇ ଈଶର ଚନ୍ଦ୍ର ସାହୁ, ହାବିଲଦାର ଗୋଲକ ବିହାରୀ ପ୍ରଧାନ ଏହାର ନେତୃତ୍ୱ ନେଇଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀମାନେ ହେଲମେଟ ପିନ୍ଧି ଗାଡି ଚଳାଇବା, ଟ୍ରାଫିକ ନିୟମ ଅନୁପାଳନ କରିବା, ଗାଡି ଚାଳନା ସମୟରେ ମୋବାଇଲ ବ୍ୟବହାର ନକରିବା, ବିନା ଲାଇସେନ୍ସରେ ଗାଡି ଚାଳନା ନ କରିବା ଆଦି ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ। ଆସନ୍ତା ୨୩ତାରିଖ ପର୍ଯ୍ୟନ୍ତ ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ସ୍ୱେଚ୍ଛାସେବୀମାନେ ପ୍ରତ୍ୟହ ଦୁଇଘଣ୍ଟା ଧରି ଏହି ଅଭିଯାନ ଜାରି ରଖିବେ ବୋଲି କୁଚିଣ୍ଡା ମହାବିଦ୍ୟାଳୟ ଅଧ୍ୟକ୍ଷା ସୁଶ୍ରୀ ସୁଚିତ୍ରା ମିଶ୍ର କହିଛନ୍ତି।



ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମରେ ପୋଲିସ ସହ କଲେଜ ସ୍ୱେଚ୍ଛାସେବୀ।

# ଶାରୀରିକ, ମାନସିକ ବିକାଶରେ କ୍ରୀଡାର ଭୂମିକା ଗୁରୁତ୍ୱପୂର୍ଣ୍ଣ



ଅତିଥି, ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ କୃତୀ ପ୍ରତିଯୋଗୀମାନେ।

**ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା**

ନାକଟିଦେଉଳ,୨୧ା୧(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ପେଣ୍ଡବାହାଲ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପକ୍ଷରୁ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ପ୍ରତିଯୋଗିତା ମଙ୍ଗଳବାର ଅପରାହ୍ନ ୫ଟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ ଦୌଡ଼, ଲମ୍ଫଡିଆଁ, ଉଚ୍ଚଡିଆଁ, ଜାଭଲିନ ଥ୍ରୋ, ସଟ୍‌ପୁଟ୍, ଗଣିତ ଦୌଡ଼, ଖଖୋ, ବ୍ୟାଡ୍‌ମିଣ୍ଟନ ଏବଂ ଭଲିବଲ ଆଦି ସମୁଦାୟ ୪୩ଟି ବିଭାଗରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ୩୮୦ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସୋମବାର ଏହି ପ୍ରତିଯୋଗିତାକୁ ବିଦ୍ୟାଳୟର ସହକାରୀ ଶିକ୍ଷକ କ୍ଷେତ୍ରବାସୀ ମିଶ୍ର ଉଦ୍‌ଘାଟନ କରିଥିବା ବେଳେ ବିଜ୍ଞାନ ଶିକ୍ଷକ ତଥା କ୍ରୀଡା ଅଧିକାରୀ ଶୁଭମ ପଣ୍ଡା ପ୍ରତିଯୋଗିତାଗୁଡିକ ପରିଚାଳନା କରିଥିଲେ। ପ୍ରତିଯୋଗିତାର ବରିଷ୍ଠ ବାଳିକା ବର୍ଗରେ ନବମ ଶ୍ରେଣୀ ଛାତ୍ରୀ ସୁଚରିତା ସ୍ୱାଇଁ ଏବଂ ବାଳକ ବର୍ଗରେ ଦଶମ ଶ୍ରେଣୀ ଛାତ୍ର ଗଗନ ମିର୍ଦ୍ଧା ଚାମ୍ପିୟନ ହୋଇଥିଲେ। ସେହିପରି କନିଷ୍ଠ ବିଭାଗ ବାଳିକା ବର୍ଗରେ ଅଷ୍ଟମ ଶ୍ରେଣୀ ଛାତ୍ରୀ ବିଷ୍ଣୁପ୍ରିୟା ପ୍ରଧାନ ଏବଂ ବାଳକ ବର୍ଗରେ ଅଷ୍ଟମ ଶ୍ରେଣୀ ଛାତ୍ର ଜ୍ୟୋତିର୍ମୟ ନାୟକ ଚାମ୍ପିୟନ ହୋଇଥିଲେ। ଏହି ଅବସରରେ ସର୍ବଶ୍ରେଷ୍ଠ ହାଉସ ଖେଳାଳି ଭାବେ ଅନୁଷ୍ଠାନର ବଂଶଧରା ହାଉସ ଚାମ୍ପିୟନ ହୋଇଥିବା ବେଳେ ରନରଅପ ବ୍ରାହ୍ମଣୀ ହାଉସଙ୍କୁ ପୁରସ୍କୃତ କରାଯାଇଥିଲା। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରତାପ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ନାକଟିଦେଉଳ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ସେନା ଅଧିକାରୀ ଗୋବର୍ଦ୍ଧନ ସାହୁ ଏବଂ ପଞ୍ଚଖଣ୍ଡା ଉଚ୍ଚ ବିଦ୍ୟାଳୟ କାଦବାହାଲ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ବାସୁଦେବ ସାହୁ ଯୋଗଦେଇ ଉଭୟ ଶାରୀରିକ ଏବଂ ମାନସିକ ବିକାଶରେ କ୍ରୀଡାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। ଶିକ୍ଷୟିତ୍ରୀ ମଧୁସ୍ମିତା ଦେହୁରୀ ଅତିଥି ପରିଚୟ ସହ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଶୁଭମ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲାପାଳଙ୍କୁ ଫେରାଦ ହେଲେ ଚାଷୀ

ସମ୍ବଲପୁର, ୨୧ା୧(ଭବାନୀ ଶଙ୍କର ଭୋଇ)

ଚାଷୀଙ୍କ ପାଇଁ କାଳ ହୋଇଛି ବିଦ୍ୟୁତ୍ ବିଲ୍। ମାନେଶ୍ୱର ବ୍ଲକ ତବଲା ପଞ୍ଚାୟତ ଗମ୍ଭାରକଁଟା ଗାଁରେ ୨ଟି ଉଠା ଜଳସେଚନ ପ୍ରକଳ୍ପ ରହିଛି। ଏହି ଦୁଇ ପ୍ରକଳ୍ପ ଜରିଆରେ ଗାଁର ୭୦ଚାଷୀଙ୍କ ୮୦ ଏକର ଜମିରେ ଧାନ ଚାଷ ହୋଇଥାଏ। ତେବେ ଉଭୟ ପ୍ରକଳ୍ପରୁ ଲକ୍ଷାଧିକ ଟଙ୍କାର ବିଜୁଳି ବିଲ ଆସିବା ପରେ ଚାଷୀମାନେ ରବିଧାନ ଚାଷ କେମିତି କରିବେ ଚିନ୍ତାରେ ପଡିଛନ୍ତି। ୨୦୨୨ ଅକ୍ଟୋବରରେ ପ୍ରଥମ ପ୍ରକଳ୍ପରେ ୧୮୧୫୧ ଟଙ୍କା ବିଲ ଆସିଥିଲା। ଏହାର ମାସକ ପରେ ହଠାତ ୧ ଲକ୍ଷ ୨୧ ହଜାର ୩ ଟଙ୍କାର ବିଲ ଆସିଲା। ଦ୍ୱିତୀୟ ପ୍ରକଳ୍ପରେ ୨୦୨୨ ଅକ୍ଟୋବରରେ ୨୫ ହଜାର ଟଙ୍କା ବିଲ ଆସିଥିଲା। ତାର ମାସକ ପରେ ୧ ଲକ୍ଷ ୫୭୪୩୪ ଟଙ୍କାର ବିଲ୍ ଆସିଲା। ଏହା ପରଠାରୁ ପ୍ରତି ସିଜନରେ ଲକ୍ଷାଧିକ ଟଙ୍କା ବିଲ ଆସୁଛି। ବର୍ତ୍ତମାନ ରବିଧାନ ଚାଷ କାମ ଆରମ୍ଭ ହୋଇଥିବା ବେଳେ ସଂଯୋଗ ବିଚ୍ଛିନ୍ନ ହୋଇଛି। ସମ୍ପୂର୍ଣ୍ଣ ବିଲ୍ ନଦେଲେ ସଂଯୋଗ କରାଯିବ ନାହିଁ ବୋଲି ବିତରଣ ସଂସ୍ଥା ସ୍ପଷ୍ଟ କରିବା ପରେ ଚାଷୀମାନେ ମଙ୍ଗଳବାର ଅପରାହ୍ନ ପ୍ରାୟ ୧ଟାରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଦ୍ୱାରସ୍ଥ ହୋଇଥିଲେ। ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ଟାଟା ପାୱାର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

## ସେମିନାର ପୁସ୍ତକାଗାର ଉଦ୍‌ଘାଟିତ

ସମ୍ବଲପୁର,୨୧ା୧(ପ୍ରମୋଦ ବହିଦାର)

ସମ୍ବଲପୁର ନେତାଜୀ ସୁବାଷ ଚନ୍ଦ୍ର ବୋଷ(ଏନ୍‌ଏସ୍‌ସିବି) ମହାବିଦ୍ୟାଳୟ ଇଂଲିଶ ବିଭାଗ ସେମିନାର ପୁସ୍ତକାଗାର ମଙ୍ଗଳବାର ଅପରାହ୍ନ ୪ଟାରେ ଶିକ୍ଷାନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ହରପାଲ ଏହାକୁ ଉଦ୍‌ଘାଟନ କରିଥିଲେ। ଇଂଲିଶ ବିଭାଗ ମୁଖ୍ୟ ହରିହର ମଲ୍ଲିକ, ସହକାରୀ ଅଧ୍ୟାପକ ବୀରସେନ ଦଳାଇ, ନିରଞ୍ଜନ ରାଉତ, ସତ୍ୟରଞ୍ଜନ ଭୋଇ, ତ୍ରିଲୋଚନ କୁମ୍ଭାର, ସେମିନାର ସମ୍ପାଦକ ରାହୁଲ କୁମାର ଦେବତା, ସୋହନ ନାୟକ, ପଲ୍ଲଭ ପଣ୍ଡା ପ୍ରମୁଖଙ୍କ ସହ ବିଭାଗର ସମସ୍ତ ସ୍ନାତକୋତ୍ତର ଓ ସ୍ନାତକ ଛାତ୍ରୀଛାତ୍ର ଓ କର୍ମଚାରୀ ଉପସ୍ଥିତ ଥିଲେ।

## ନାବାର୍ଡ ଗ୍ରାମୀଣ ବଜାର ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପଜିଲାପାଳଙ୍କ ସହ ଅନ୍ୟ ଅତିଥିମାନେ।

କୁଚିଣ୍ଡା,୨୧ା୧(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମ ସମ୍ମୁଖରେ ମଙ୍ଗଳବାର ଅପରାହ୍ନ ୪ଟା୩୦ରେ ଏକ ଗ୍ରାମୀଣ ବଜାର ଉଦ୍‌ଘାଟିତ ହୋଇଯାଇଛି। କୁଚିଣ୍ଡା ବ୍ଲକ କୁ.ଜମନକିରା ପଞ୍ଚାୟତ ବଡମୁଣ୍ଡାଲୋଇ ଗ୍ରାମର ଧରଣୀଧର ଲଙ୍କା ଉତ୍ପାଦକ କମ୍ପାନୀର ଚାଷୀମାନଙ୍କ ଆର୍ଥିକ ଉନ୍ନତି ଓ ଏସ୍‌ଏଚ୍‌ଜି ମହିଳାଙ୍କୁ ସଶକ୍ତ କରିବା ପାଇଁ ନାବାର୍ଡ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାର୍କର ସହଯୋଗରେ ଏହି ବଜାର ଉଦ୍‌ଘାଟିତ ହୋଇଛି। ଏହାକୁ କୁଚିଣ୍ଡା ଉପଜିଲାପାଳ ଗୌରବମୟ ପ୍ରଧାନ ମୁଖ୍ୟଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ନାବାର୍ଡ ଏଜିଏମ ଧିରେନ୍ଦ୍ର ଦାସ, ଲିଡ ବ୍ୟାଙ୍କ ମ୍ୟାନେଜର ଦେବକିଶୋର ନାୟକ, କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନ, ପୂର୍ବତନ ସମିତି ସଭ୍ୟ ସୁରଜ ରୋହିଦାସ ଓ ସାର୍କ ସମ୍ପାଦକ ଅଶୋକ କୁମାର ପାଣିଗ୍ରାହୀ ଯୋଗଦେଇଥିଲେ। ଗ୍ରାମୀଣ ବଜାର ଦ୍ୱାରା ସ୍ଥାନୀୟ ଜନସାଧାରଣ, ଏସ୍‌ଏଚ୍‌ଜି ଏବଂ କୃଷକ ଉତ୍ପାଦନ କମ୍ପାନୀମାନଙ୍କ ଦାରା ଉତ୍ପାଦିତ ବିଭିନ୍ନ ସାମଗ୍ରୀ ସୁଲଭ ମୂଲ୍ୟରେ ବିକ୍ରି ନିମନ୍ତେ ବ୍ୟବସ୍ଥା କରାଯାଇଛି। ଏଠାରେ ଚାଷୀମାନଙ୍କ ଦ୍ୱାରା ଉତ୍ପାଦିତ ତୈଳବୀଜ, ଡାଲି ଜାତୀୟ ଫସଲ, କ୍ଷୁଦ୍ରଶସ୍ୟ, ବାଉଁଶ, ମହୁ, ଲଘୁବନଜାତ ଦ୍ରବ୍ୟ ସହ ବିଭିନ୍ନ ପନିପରିବା ଓ ଫଳକୁ ସୁଲଭ ମୂଲ୍ୟରେ ଉପଲବଧ ହେବାର ପ୍ରାବଧାନ ରହିଛି। ଶେଷରେ ସାର୍କ ସମ୍ପାଦକ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

**ସମ୍ବଲପୁରରେ ପର୍ଯ୍ୟଟନର ବିକାଶ ପ୍ରସଙ୍ଗ**

### ସମ୍ବଲପୁରରେ ଉଚ୍ଚସ୍ତରୀୟ ବୈଠକ ଆଜି

ସମ୍ବଲପୁର, ୨୧ା୧(ଭବାନୀ ଶଙ୍କର ଭୋଇ)

ବୁଧବାର ହୀରାକୁଦ ନଦୀବନ୍ଧ ଅଞ୍ଚଳରେ ପର୍ଯ୍ୟଟନର ବିକାଶକୁ ନେଇ ତତ୍ପରତା ପ୍ରକାଶ ପାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁରରୁ ଏମ୍‌ପିଭାବେ ବିଜୟୀ ହେବା ପରେ ସମ୍ବଲପୁର ଅଞ୍ଚଳରେ ପର୍ଯ୍ୟଟନର ବିକାଶ ନେଇ ଗୁରୁତ୍ୱ ଦେଇଥିଲେ। ପ୍ରଶାସନ ସହିତ ତାଙ୍କର ପ୍ରଥମ ବୈଠକରେ ଏଥିପାଇଁ ରୂପରେଖ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ଡେବ୍ରିଗଡଠାରୁ ଆରମ୍ଭ କରି ବୁର୍ଲା ଡାଇକ ଦେଇ ସମ୍ବଲପୁର ମହାନଦୀ ଘାଟ ପର୍ଯ୍ୟନ୍ତ ବିକଶିତ କରାଯାଇ ପର୍ଯ୍ୟଟକଙ୍କୁ ଅକର୍ଷିତ କରିବା ପାଇଁ ଯୋଜନା ତିଆରି କରାଯାଉଛି। ଏଥିପାଇଁ ରାଜ୍ୟ ପର୍ଯ୍ୟଟନ ସଚିବ ବଳୱନ୍ତ ସିଂହ, ପର୍ଯ୍ୟଟନ ନିର୍ଦ୍ଦେଶକ ସମର୍ଥ ବର୍ମା ପ୍ରମୁଖ ବୁଧବାର ସମ୍ବଲପୁର ଗସ୍ତ କରି ହୀରାକୁଦ ଅଞ୍ଚଳରେ ପର୍ଯ୍ୟଟନର ବିକାଶ ନେଇ ଜିଲା ପ୍ରଶାସନ ସହିତ ଉଚ୍ଚସ୍ତରୀୟ ବୈଠକ କରାଯିବା ନେଇ ସୂଚନା ମିଳିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଏଥିରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ କେନ୍ଦ୍ର ସରକାରଙ୍କ ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକସ୍ତରୀୟ ଅଧିକାରୀ ମଧ୍ୟ ବୈଠକରେ ସାମିଲ ହେବେ ବୋଲି ଚର୍ଚ୍ଚା ହେଉଛି। କେନ୍ଦ୍ର ସଂସ୍କୃତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଆସନ୍ତା ୨୩ ତାରିଖରେ ଭୁବନେଶ୍ୱର ଗସ୍ତରେ ଆସି ଗୁରୁ ପଦ୍ମସମ୍ଭବଙ୍କ କର୍ମଭୂମୀ ସ୍ୱର୍ଣ୍ଣ ତ୍ରିଭୁଜର ବିକାଶ ନେଇ କାର୍ଯ୍ୟକ୍ରମରେ ଯୋଗ ଦେବା ଯୋଜନା ରହିଛି। ଗୁରୁ ପଦ୍ମ ସମ୍ଭବଙ୍କ ଜନ୍ମସ୍ଥାନ ସମ୍ବଲପୁର ହୋଇଥିବା ବେଳେ ଏହି ବୌଦ୍ଧ ପର୍ଯ୍ୟଟନ ବିକାଶ ଯୋଜନାରେ ସମ୍ବଲପୁରକୁ ମଧ୍ୟ ଯୋଡାଯିବା ନେଇ ଆଲୋଚନା କରାଯିବା ସମ୍ଭାବନା ରହିଛି।

## ୩ କର୍ତ୍ତବ୍ୟନିଷ୍ଠ ରେଳ କର୍ମଚାରୀ ପୁରସ୍କୃତ

ସମ୍ବଲପୁର,୨୧ା୧(ପ୍ରମୋଦ ବହିଦାର)

ସୁରକ୍ଷିତ ଟ୍ରେନ୍ ଚଳାଚଳ ପ୍ରତି ନିଜର କର୍ତ୍ତବ୍ୟନିଷ୍ଠ କାର୍ଯ୍ୟ ତଥା ସର୍ବଦା ସଜାଗ ୩ ରେଳ କର୍ମଚାରୀଙ୍କୁ ମଙ୍ଗଳବାର ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ତୁଷାରକାନ୍ତ ପାଣ୍ଡେ ପୁରସ୍କୃତ କରିଛନ୍ତି। ସେମାନେ ହେଲେ ନର୍ଲା ରୋଡ଼ର ୨ ପଏଣ୍ଟସ୍ ମ୍ୟାନ୍ ରମେଶ ମହାନନ୍ଦ ଓ ରାଜୀବ ବର୍ମା, ଟିଁଟିଲାଗଡ଼ ବରିଷ୍ଠ ମାଲବାହୀ ଟ୍ରେନ୍ ପ୍ରବନ୍ଧକ ଦୀପକ କୁମାର ନାଗ। ସମ୍ବଲପୁର ରେଳ ମଣ୍ଡଳ କାର୍ଯ୍ୟାଳୟରେ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମଣ୍ଡଳ ରେଳ ପ୍ରବନ୍ଧକ ପାଣ୍ଡେ ୩ କର୍ମଚାରୀଙ୍କୁ ମାନପତ୍ର ଓ ନଗଦ ରାଶିରେ ପୁରସ୍କୃତ କରିଥିଲେ। ଏହି ଅବସରରେ ବିରଷ୍ଠ ରେଳ ମଣ୍ଡଳ ନିରାପତ୍ତା ଅଧିକାରୀ ସମ୍ବିତ ସୌରଭ ନାୟକ ଉପସ୍ଥିତ ଥିଲେ।


ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକଙ୍କ ଦ୍ୱାରା ପୁରସ୍କୃତ ରେଳ କର୍ମଚାରୀ।

## ଷଣ୍ଢପଥର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା



କ୍ରୀଡ଼ା ସମାରୋହରେ ଉପସ୍ଥିତ ଅତିଥି ବୃନ୍ଦ।

ଜମନକିରା,୨୧ା୧(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ଷଣ୍ଢପଥର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ମହୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଜ୍ୟୋତିର୍ମୟୀ ଜ୍ୟୋତ୍ସ୍ନା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କ୍ରୀଡା ମହୋତ୍ସବରେ ମୁଖ୍ୟଅତିଥିଭାବେ ଜିଲା ପରିଷଦ ଜୋନ ୧ ସଭ୍ୟା ସୁଜାତା ଖୁଣ୍ଟିଆ ଯୋଗଦେଇ ମଶାଲ ଜାଳି କ୍ରୀଡା ମହୋତ୍ସବକୁ ଶୁଭାରମ୍ଭ କରିଥିଲେ। କ୍ରୀଡା ମହୋତ୍ସବ ସଭାକୁ ସହକାରୀ ଅଧ୍ୟାପିକା ସମଲେଶରୀ ତନ୍ତୀ ପରିଚାଳନା କରିଥିଲେ। ବରିଷ୍ଠ ଅଧ୍ୟାପକ ସନ୍ତୋଷ କୁମାର ପ୍ରଧାନ ଏବଂ ଅଧ୍ୟାପିକା ତୃପ୍ତି ପଟେଲ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଅଧ୍ୟାପିକା ସୁନୀତା ବେହେରା ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧ୍ୟାପିକା ଉପମା ନାଏକ ଏବଂ ଅଧ୍ୟାପକ ରାକେଶ ପ୍ରଧାନ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଏଥିରେ ୧୦୦, ୪୦୦, ୮୦୦ ମିଟର ଦୌଡ଼, ଲମ୍ବା ଡିଆଁ, ଉଚ୍ଚଡିଆଁ, ଡିସ୍‌କସ୍ ଥ୍ରୋ ଆଦି ବିଭିନ୍ନ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପିଇଟି ନାରାୟଣ ପ୍ରଧାନ, ତପନ ଖୁଣ୍ଟିଆ ଏବଂ ଶିବ ପ୍ରସାଦ ବେହେରା ଖେଳ ପରିଚାଳନା କରିଥିଲେ।

# ଫସଲ ଚୟନ ବ୍ୟବସାୟିକ କୃଷିର ପ୍ରଥମ ସୋପାନ

**ଫୁଲ, ପନିପରିବା ଚାଷ ଉପରେ ତାଲିମ**

ସମ୍ବଲପୁର,୨୧ା୧(ଭବାନୀ ଶଙ୍କର ଭୋଇ)


ଚାଷୀଙ୍କୁ ଫୁଲ ଏବଂ ପନିପରିବା ଚାଷ ଉପରେ ତାଲିମ ପ୍ରଦାନ କରାଯାଇଛି।

ସବୁଜ ସନାତନପାଲି କୃଷକ ଉତ୍ପାଦନ କମ୍ପାନୀ ତରଫରୁ ମଙ୍ଗଳବାର ବାରିବନ୍ଧଠାରେ ସ୍ଥାନୀୟ ଚାଷୀଙ୍କୁ ଫୁଲ ଏବଂ ପନିପରିବା ଚାଷ ଉପରେ ତାଲିମ ପ୍ରଦାନ କରାଯାଇଛି। ଚିପିଲିମାସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର କୃଷି ବୈଜ୍ଞାନିକ ଡ. ଅନନ୍ୟା ଜେନା ଏବଂ ସିଦ୍ଧାର୍ଥ ଦେବ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଚାଷୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ବଜାରର ଆବଶ୍ୟକତା ଅନୁସାରେ ଯୋଜନା ପ୍ରସ୍ତୁତ କରି ଫସଲ ଚୟନ କରିବା ବ୍ୟବସାୟିକ କୃଷିର ପ୍ରଥମ ସୋପାନ ବୋଲି କୃଷି ବୈଜ୍ଞାନିକ ଡ. ଜେନା କହିଥିଲେ। କେଉଁ ସମୟରେ କେଉଁ ଉତ୍ପାଦର ଚାହିଦା ରହିବ ତାର ବଜାର ସ୍ଥିତିକୁ ଆକଳନ କରି ଚାଷ କଲେ ଉତ୍ପାଦ ବିକ୍ରୀ ହେବା ସହ ଉଚିତ ମୂଲ୍ୟ ମିଳିଥାଏ। ପୁଣି ଚାଷ ପରେ ତାର ପ୍ରକ୍ରିୟାକରଣ ପ୍ରତି ଧ୍ୟାନ ଦିଆଯାଇପାରିଲେ ଚାଷୀମାନେ ଅଧିକ ଉପକୃତ ହୋଇ ପାରିବେ ବୋଲି ସେ କହିଥିଲେ। ଚାଷ ପୂର୍ବରୁ ମୃତ୍ତିକା ପରୀକ୍ଷଣ କରି ମାଟିର ଆବଶ୍ୟକତା ଅନୁସାରେ ଜୈବିକ ସାର ପ୍ରୟୋଗ କରି ଅଧିକ ଫସଲ ଉତ୍ପାଦନ କରାଯାଇପାରିବ। ଏହାସହ ସନାତନପାଲି କୃଷକ ଉତ୍ପାଦନ କମ୍ପାନୀ ପକ୍ଷରୁ କୃଷକମାନଙ୍କୁ ସଙ୍ଗଠିତ କରି ସେମାନଙ୍କ ଉନ୍ନତି ପାଇଁ କରାଯାଉଥିବା ପ୍ରୟାସକୁ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ପ୍ରଶଂସା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୩୦ଜଣ ଅଗ୍ରଣୀ ଚାଷୀ ସାମିଲ ହୋଇଥିଲେ। ସବୁଜ ସନାତନପାଲି କୃଷକ ଉତ୍ପାଦନ କମ୍ପାନୀ ନିର୍ଦ୍ଦେଶକ ମନବାଧ ବାରିକଙ୍କ ସମେତ ଅଗ୍ରଣୀ ଚାଷୀ ସର୍ଜ୍ଜନୀ ପ୍ରଧାନ, ନିରାକାର ପ୍ରଧାନ, ବିରୂପାକ୍ଷ ପ୍ରଧାନ, ଶ୍ୟାମ ଲାଲ ସାହୁ, କୌଳାସ ପଧାନ ପ୍ରମୁଖ ସାମିଲ ହୋଇଥିଲେ। ଏହି ଅବସରରେ ଅଧିକାରୀମାନେ ବାରିବନ୍ଧସ୍ଥିତ ସବୁଜ ସନାତନପାଲି କୃଷକ ଉତ୍ପାଦନ କମ୍ପାନୀର କାର୍ଯ୍ୟାଳୟ ବୁଲି ଦେଖିବା ସହ କମ୍ପାନୀର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଅବଗତ ହୋଇଥିଲେ।

